ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.286, Bhubaneswar Monday, December 30, 2019 | ୨୨ତମ ବର୍ଷ ସଂଖ୍ୟା-୨୮୬ ଭୁବନେଶ୍ୱର, ସୋମବାର, ଡିସେମ୍ବର ୩୦, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS

## ନୂଆବର୍ଷାରେ ଭିଜାଇବ ବର୍ଷା

ଭୁବନେଶ୍ୱର,(ପିଏନ)-ନୂତନ ବର୍ଷ ଜାନୁଆରୀ ୧ ତାରିଖରେ ରାଜ୍ୟର ଉତର ଓ ଉତର ପଶ୍ଚିମ ଜିଲ୍ଲାରେ ହାଲୁକା ବର୍ଷା ହେବ । ଏପରିକକି କେତେକ ସ୍ଥାନରେ କୁଆପଥର ବୃଷ୍ଟି ହେବାର ସମ୍ଭାବନା ରହିଛି । ୨ ଓ ୩ ତାରିଖରେ ଅଧିକାଂଶ ଜିଲ୍ଲାରେ ବର୍ଷା ହେବ । ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ କମ୍ ରହିବ ବୋଲି ଆଇଏମଡ଼ିର ମହା ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ଭୁବନେଶ୍ୱର ପାଣିପାଗ ସୂତ୍ରରୁ ପ୍ରକାଶ ଯେ, ୨୯ ଓ ୩୦ ତାରିଖ ଦୁଇ ଦିନ ଧରି ସୁନ୍ଦରଗଡ଼, ଦେଓଗଡ଼, କେଉଁଝର ବାଲେଶ୍ୱର, ଅନୁଗୋଳ, ଢ଼େଙ୍କାନାଳ, ସୋନପୁର, ବୌଦ୍ଧ, କଟକ, ପୁରୀ, ଖୋର୍ଦ୍ଧା, କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲ୍ଲାରେ ଶୀତର ଲହରୀ ରହିବ । ଏହି ଜିଲ୍ଲା ଗୁଡ଼ିକୁ ୟେଲୋ ୱାର୍ଣ୍ଣିଂରେ ସାମିଲ କରାଯାଇଛି । ସେହିପରି ୩୦ ଓ ୩୧ ତାରିଖରେ ଗୋଟିଏ ଦୁଇଟି ସ୍ଥାନରେ କଳାହାଣ୍ଡି, ବଲାଙ୍ଗୀର, ସୋନପୁର, କେଉଁଝର ଦେଓଗଡ଼, ଅନୁଗୋଳ ଜିଲ୍ଲାରେ ମଧ୍ୟ ପାଗର ପରିସ୍ଥିତି ସମାନ ଭାବରେ ରହିବ । ନୂତନ ବର୍ଷ ଆରମ୍ଭ ଏବଂ ୨ ତାରିଖରେ ୱାର୍ଣ୍ଣିଂ କିଛି ନାହିଁ । ୨ ଓ ୩ ତାରିଖରେ ସୁନ୍ଦରଗଡ଼, ଦେଓଗଡ଼, ଅନୁଗୋଳ, କଟକ, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ଘଡ଼ ଘଡ଼ି ସହ କୁଆପଥର ବୃଷ୍ଟି ହେବ ବୋଲି ସୂଚନା ଦିଆଯାଇଛି ।

## ବଜ୍ରକାପ୍ତା ଚାଲାଣ ଅଭିଯୋଗରେ ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ପିଏନ)- ବଜ୍ରକାପ୍ତା ଚାଲାଣ ଅଭିଯୋଗରେ ଆଉ ଜଣେ ଅଭିଯୁକ୍ତଙ୍କୁ ବନ ବିଭାଗର ଆଠଗଡ଼ ଡିଭିଜନର ବନ ଖଣ୍ଡ ଅଧିକାରୀ ଗିରଫ କରିଛି । ଗିରଫ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି । ସମ୍ପୃକ୍ତ ଡିଭିଜନର ଡିଏଫଓ ସସ୍ମିତା ଲେଙ୍କା କହିଛନ୍ତି ଯେ, ଗିରଫ ହୋଇଥିବା ଅଭିଯୁକ୍ତ ସନ୍ତୋଷ ଘଡ଼େଇ ନରସିଂହପୁର ଅଂଚଳର । ପୂର୍ବରୁ ହାତୀଦାନ୍ତ କାରବାରରେ ତାକୁ ଗିରଫ କରାଯାଇଥିଲା ।

## ଅବକାରୀ ଆସିଷ୍ଟାଂଟ କମିଶନରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,(ପିଏନ)- କେନ୍ଦ୍ରୀୟ ଅବକାରୀ ବିଭାଗର ଆସିଷ୍ଟାଂଟ କମିଶନର ଅର୍ଜୁନ କୁମାର ଧଳଙ୍କ ଝୁଲନ୍ତା ମୃତଦେହ ଆଜି ସକାଳେ ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି । ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ସେ ପ୍ରାୟ ୬ ମାସ ପରେ ଚାକିରୀରୁ ଅବସର ନେଇଥାନ୍ତେ । ହେଲେ ଏଥି ପୂର୍ବରୁ ଏଭଳି ଏକ ଅଘଟଣରେ ଭାଙ୍ଗିପଡିଛନ୍ତି ତାଙ୍କ ପରିବାର ଲୋକେ ଓ ଆତ୍ମୀୟ ମାନେ । ଖଣ୍ଡଗିରି ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ହାତୀ ଆକ୍ରମଣରେ ମହିଳା ମୃତ

ଅନୁଗୋଳ,(ପିଏନ)- ଅନୁଗୋଳ ଜିଲ୍ଲା କଣିହାଁ ବନାଚଂଳ ଅନ୍ତର୍ଗତ ବଜ୍ରକୋଟ ଗ୍ରାମରେ ଆଜି ସକାଳେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ନୟନୀ ସାହୁ । ତାଙ୍କ ଘର ବଜ୍ରକୋଟ ଗ୍ରାମରେ ବୋଲି ଜଣାପଡିଛି ।ସୂଚନା ଅନୁଯାୟୀ, ଆଜି ସକାଳେ ନୟନୀ ତାଙ୍କ ଝିଅ ସହିତ ଭୁବନେଶ୍ୱର ଯିବା ପାଇଁ ବସ୍ ଧରିବାକୁ ଗାଁ ଛକକୁ ଆସୁଥିଲେ । ଏହି ସମୟରେ ବାଟରେ ସେମାନେ ଏକ ହାତୀ ହାବୁଡ଼ରେ ପଡିଯାଇଥିଲେ । ହାତୀଟି ଗୋଡାଇ ଗୋଡାଇ ନୟନୀଙ୍କୁ ଦଳି ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ହେଲେ ତାଙ୍କ ଝିଅ କୌଣସି ପ୍ରକାରେ ହାତୀ କବଳରୁ ଜୀବନ ବଂଚାଇବାରେ ସକ୍ଷମ ହୋଇଥିଲା ।



ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଉତ୍ସବର ଏକ ଝଲକ୍

# ସାରା ରାଜ୍ୟରେ ଶୀତ ଲହରୀ



### ସୋନପୁରର ସର୍ବନିମ୍ନ ତାପମାତ୍ରା ୩.୪ ଡିଗ୍ରୀ

### ରାଜ୍ୟର ୧୫ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳକୁ

ଭୁବନେଶ୍ୱର, (ପିଏନ)- ସମଗ୍ର ଓଡିଶାରେ ଶୀତ ଲହରୀ ଦେଖା ଦେଇଛି । ଭୟଙ୍କର ଶୀତ କାରଣରୁ ଲୋକ ମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୋନପୁର ଠାରେ ରାଜ୍ୟର ସର୍ବ ନିମ୍ନ ତାପମାତ୍ରା ୩.୨ ଡିଗ୍ରୀ ସେଲସିୟସ ରେକର୍ଡ କରା ଯାଇଛି । ଶନିବାର ଦିନ ରାଜ୍ୟର ୯ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀରୁ କମ ଥିବା ବେଳେ ରବିବାର ଦିନ ୧୫ ଟି ସ୍ଥାନର ତାପମାତ୍ରା ୧୦ ଡିଗ୍ରୀରୁ ତଳେ ରହିଛି । ପାଣି ପାଗ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ସୋନପୁର ପରେ ଅନୁଗୁଳରେ ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀରେ ୫ ଡିଗ୍ରୀ ତଥା ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରା ଯାଇଛି । ସେହିପରି ଟିଟିଲାଗଡରେ ୬.୧ ଡିଗ୍ରୀ, ଭବାନୀପାଟଣାରେ ୬.୫ ଡିଗ୍ରୀ, ଝାରସୁଗୁଡାରେ ୭.୩ ଡିଗ୍ରୀ, ସମ୍ବଲପୁର ଠାରେ ୭.୪ ଡିଗ୍ରୀ, ବଲାଙ୍ଗୀର ଠାରେ ୮ ଡିଗ୍ରୀ, ବାଲେଶ୍ୱର ଠାରେ ୮.୬ ଡିଗ୍ରୀ ସେଲସିୟସ ସର୍ବନିମ୍ନ ତାପମାତ୍ରା ରେକର୍ଡ କରା ଯାଇଛି । ସେହିପରି କଟକ ଠାରେ ୮.୮ ଡିଗ୍ରୀ, ସୁନ୍ଦରଗଡ ଓ ବାରିପଦା ଠାରେ ୯, କୋରାପୁଟ ଠାରେ ୯.୬ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରେକର୍ଡ କରା ଯାଇଥିବା ପାଣିପାଗ ବିଭାଗ ଠାରୁ ମିଳିଥିବା ସୂଚନାରୁ ପ୍ରକାଶ । ଆଗାମୀ ଦୁଇ ତିନି ଦିନ ଧରି ତାପମାତ୍ରା ସାମାନ୍ୟ ଠାରୁ କମ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରା ଯାଇଛି । ପ୍ରବଳ ଶୀତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । କି ଦିନ କି ରାତି ସବୁବେଳେ ଲୋକେ ନିଆଁ ଜାଳି ନିଆଁ ପାଖରେ ବସିରହିବାକୁ ପସନ୍ଦ କରୁଛନ୍ତି । ଘରୁ ପଦାକୁ ବାହାରି ପାରୁନାହାଁନ୍ତି । ଗରୀବ ଲୋକେ କାମଧନ୍ଦା କରିବାଲାଗି ମଧ୍ୟ ଯାଇପାରୁନାହାଁନ୍ତି । ପ୍ରବଳ ଜାଡରେ ଥରୁଛି ସାରା କନ୍ଧମାଳ । ତା'ସାଙ୍ଗକୁ ଚାରିଆଡେ ଘନ କୁହୁଡିର ଆସ୍ତରଣ । ଘନ କୁହୁଡିର ଚାଦର ତଳେ ଘୋଡାଇ ହୋଇଛି ସାରା କନ୍ଧମାଳ । ପ୍ରବଳ ଥଣ୍ଡା ସାଙ୍ଗକୁ କୋହଲା ପବନ ଜନଜୀନବକୁ ଅସ୍ତବ୍ୟସ୍ତ କରିପକାଇଲାଣି । ସକାଳ ୧୦ଟା ଯାଏଁ ଲୋକେ ଘରୁ ପଦାକୁ ବାହାରି ପାରୁନାହାଁନ୍ତି । ସେହିପରି ସଂଜ ହେଲେ ଦୋକାନ ବଜାର ଖାଁ ଖାଁ ସାଙ୍ଗକୁ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି । ଲୋକେ କି ଦିନ କି ରାତି ନିଆଁ ଜାଳି ନିଆଁ ପାଖରେ ବସିରହୁଛନ୍ତି । ବିଶେଷକରି ବୁଢା ବୁଢୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ଆଜି ଫୁଲବାଣୀରେ ତାପମାତ୍ରା ୫ ଡିଗ୍ରୀ ସେଲସିୟସକୁ ଖସି ଆସିଥିବା ବେଳେ ଓଡିଶାର କାଶ୍ମିର ଦାରିଙ୍ଗବାଡିରେ ମଧ ତାପମାତ୍ରା ୫.୫ ଡିଗ୍ରୀ ସେଲସିୟସ ଥିଲା । ଦାରିଙ୍ଗବାଡି, ସିମନବାଡି ଓ ଆଖପାଖ ଅଂଚଳରେ ମୃଦୁ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଥିଲା । ସେହିପରି ଜି.ଉଦୟଗିରିରେ ମଧ ପ୍ରବଳ ଥଣ୍ଡା ଅନୁଭୁତ ହେଉଛି । ପ୍ରବଳ ଥଣ୍ଡା ସାଙ୍ଗକୁ ଏବେ ଏକ୍ସ-ମାସ ଛୁଟି ହୋଇଥିବାରୁ ଦାରିଙ୍ଗବାଡି ସମେତ ବେଲଘର, ମଣ୍ଡାସରୁ, ପୁତୁଡି ଆଦି ଜିଲ୍ଲାରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ପର୍ଯ୍ୟଟକଙ୍କ ଭୀଡ ଜମିବାରେ ଲାଗିଛି ।

# ନିର୍ମାଣାଧିନ ଓଭରବ୍ରିଜରୁ ଖସିଲା ବିମ୍

ବାଲେଶ୍ୱର, (ପିଏନ)- ବାଲେଶ୍ୱରର ଶୋଭାରାମପୁର ଠାରେ ଆଜି ନିର୍ମାଣାଧିନ ଓଭରବ୍ରିଜରୁ ଏକ ବିମ୍ ଖସି ବିଦ୍ୟୁତ ତାର ଛିଣ୍ଡାଇବା ସହ ରେଳଧାରଣା ଉପରେ ପଡିଥିଲା । ଫଳରେ ୧୨ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଖୋର୍ଦ୍ଧା-ଖଡ଼ଗପୁର ରୁଟ୍ ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । କେତେକ ଟ୍ରେନ୍ ବିଭିନ୍ନ ଷ୍ଟେସନରେ ଅଟକି ରହିଛି । ଯେଉଁଥିପାଇଁ ଦୂରଦୂରନ୍ତକୁ ଯାତ୍ରା କରୁଥିବା ହଜାର ହଜାର ସଂଖ୍ୟାରେ ଯାତ୍ରୀ ଦିନତମାମ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡିଛି ।



- ୧୨ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଖୋର୍ଦ୍ଧା-ଖଡ଼ଗପୁର ରୁଟ୍ ରେ ରେଳ ଚଳାଚଳ ବ୍ୟାହତ
- ଅପଲାଇନ୍ ରେ ୪ ଓ ଡାଉନ୍ ଲାଇନ୍ ରେ ୧୦ଟି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ
- ୫ ଟ୍ରେନ୍ ର ଗତିପଥ ପରିବର୍ତ୍ତନ କରାଗଲା
- ଭଦ୍ରକ-ଖଡ଼ଗପୁର ମେମୁ ଟ୍ରେନ୍ ଆଜି ପାଇଁ ବାତିଲ୍

ଦୁଇଟି ପିଲର୍ କୁ ସଂଯୋଗ କରୁଥିବା ଏହି ବିମ୍ କୁ ଶ୍ରମିକ ମାନେ ସେଟିଂ କରୁଥିବା ବେଳେ କୌଣସି କାରଣରୁ ଏହା ହଠାତ୍ ତଳକୁ ଖସି ପଡିଥିଲା । ଏଥିରେ ରେଳ ଧାରଣାରେ କୌଣସି କ୍ଷତି ହୋଇନଥିବା ବେଳେ ବିଦ୍ୟୁତ ତାର ଛିଣ୍ଡି ଯିବାରୁ ରେଳ ଚଳାଚଳ ବ୍ୟାହତ ହୋଇଥିଲା । ଖବର ପାଇ ରେଲୱେର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଂଚିଛନ୍ତି । ଇଲେକଟ୍ରିକାଲ୍ ଟିମ୍ ସେଠାରେ ପହଂଚି ବିଦ୍ୟୁତ ତାର ପୁନଃ ସଂଯୋଗ ପାଇଁ ଆବଶ୍ୟକୀୟ ମରାମତି ଚଳାଇଛନ୍ତି । ବିଦ୍ୟୁତ ତାର ମରାମତି କାର୍ଯ୍ୟ ଯୋଗୁଁ ରେଳ ଚଳାଚଳ ବିଳମ୍ବ ହେଉଥିବା ଏପରିକି କେତେକ ଟ୍ରେନ୍ ର ଗତିପଥ ପରିବର୍ତନ କରାଯାଇଥିବା ପୂର୍ବତଟ ରେଲୱେ ସୂତ୍ରରୁ ପ୍ରକାଶ । ପୂର୍ବତଟ ରେଲୱେ ପକ୍ଷରୁ ଏନେଇ ଅଧିକ ସୂଚନା ଦେଇ କୁହାଯାଇଛି ଯେ, ବିଦ୍ୟୁତ ତାର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି । ବିଭିନ୍ନ ଷ୍ଟେସନରେ ଅଟକି ଥିବା ଟ୍ରେନ୍ ପର୍ଯ୍ୟାୟ କ୍ରମେ ଚାଲିବ । ଏହି ଦୁର୍ଘଟଣା ଯୋଗୁଁ ଅପଲାଇନ୍ ରେ ୪ଟି ଓ ଡାଉନ୍ ଲାଇନ୍ ରେ ୧୦ଟି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଡାଉନ୍ ଲାଇନରେ ୧୦ଟି ଟ୍ରେନ୍ ମଧ୍ୟରୁ ୫ଟି ଟ୍ରେନ୍ ର ଗତିପଥ ପରିବର୍ତନ କରାଯାଇଛି । ସେଗୁଡିକ ହେଲା ୨୨୮୧୧ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍, ୧୨୫୫୧ ଯଶୋବନ୍ତପୁର-କାମାକ୍ଷା ଏକ୍ସପ୍ରେସ୍, ୧୨୮୭୫ ପୁରୀ-ନୂଆଦିଲ୍ଲୀ ନୀଳାଚଳ ଏକ୍ସପ୍ରେସ୍, ୧୨୨୪୫ ହାୱଡ଼ା-ଯଶୋବନ୍ତପୁର ଦୂରନ୍ତ ଏକ୍ସପ୍ରେସ୍, ୧୨୫୦୪ ଅଗରତାଲା-ବାଙ୍ଗାଲୁରୁ କ୍ୟାଂଟ ଏକ୍ସପ୍ରେସ । ସେହିପରି ୧୨୮୪୨ ଚେନ୍ନାଇ-ହାୱଡ଼ା କରମଣ୍ଡଳ ଏକ୍ସପ୍ରେସ୍ । ୧୨୭୦୪ ସିକନ୍ଦରାବାଦ-ହାୱଡ଼ା ଫାଲକନାମା ଏକ୍ସପ୍ରେସ୍, ୧୮୬୪୬ ହାଇଦ୍ରାବାଦ-ହାୱଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍, ୧୨୨୭୮ ପୁରୀ-ହାୱଡ଼ା ଶତାବ୍ଦୀ ଏକ୍ସପ୍ରେସ୍ ଏବଂ ଦୂରଦୂରନ୍ତକୁ ଯାଉଥିବା ଅନ୍ୟ କେତେକ ଟ୍ରେନ୍ ବିଭିନ୍ନ ଷ୍ଟେସନରେ ଅଟକି ରହିଛି । ସେହିପରି ୧୨୮୧୯ ଭୁବନେଶ୍ୱର-ଆନନ୍ଦବିହାର ଟର୍ମିନାଲ ଏକ୍ସପ୍ରେସ୍, ୧୮୮୨୨ ପୁରୀ-ହାୱଡ଼ା ଧଉଳି ଏକ୍ସପ୍ରେସ୍, ୦୩୧୦୨ ପୁରୀ-ସିଆଲଦା ଏକ୍ସପ୍ରେସର ଛାଡିବା ସମୟରେ ପରିବର୍ତନ କରାଯାଇଛି । ଅନୁରୂପ ଭାବେ ୬୮୦୫୦ ଭଦ୍ରକ-ଖଡ଼ଗପୁର ମେମୁ ଟ୍ରେନ୍ କୁ ଆଜି ପାଇଁ ବାତିଲ୍ କରାଯାଇଛି ।ଏହା ବ୍ୟତିତ ହାୱଡ଼ା-ପୁରୀ ଧଉଳି ଏକ୍ସପ୍ରେସ୍ ବସ୍ତାରୁ ଆଗକୁ ଯିବ ନାହିଁ ଏବଂ ପୁଣି ଥରେ ବସ୍ତାରୁ ସ୍ୱତନ୍ତ୍ର ଟ୍ରେନ୍ ହୋଇ ହାୱଡ଼ା ଯାତ୍ରା କରିବେ । ସେହିପରି ୬୮୪୦୯ ଖଡ଼ଗପୁର-ଭଦ୍ରକ ମେମୁ ଟ୍ରେନ୍ ହଳଦିଆପଡ଼ାରୁ ଆଗକୁ ଯିବ ନାହିଁ । ଏହା ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ୍ ହୋଇ ଖଡ଼ଗପୁର ଅଭିମୁଖେ ଯାତ୍ରା କରିବ । ଅନ୍ୟପକ୍ଷରେ କେଉଁ କାରଣରୁ ଏତେ ବଡ଼ ଅଘଟଣ ଘଟିଲା ତାହା ବର୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନଥିଲେ ସୁଦ୍ଧା ରେଳ ବିଭାଗ ପକ୍ଷରୁ ସେନେଇ ତଦନ୍ତ ଆରମ୍ଭ ହୋଇଛି । ଏହି ଓଭରବ୍ରିଜ୍ ରେ ୬ଟି ବିମ୍ ଲଗାଯାଇଥିବା ବେଳେ ସେଥିମଧ୍ୟରୁ ଗୋଟିଏ ଖସି ପଡିଥିଲା । ଦୁର୍ଘଟଣା ପରେ ଅନ୍ୟ ବିମ୍ ଗୁଡ଼ିକୁ ମଧ ଖୋଲାଯାଇଛି ।

### ଏସପ୍ଲାନେଡ୍ ମଲରେ ମହିଳା ସାମ୍ବାଦିକାଙ୍କୁ ଆକ୍ରମଣ ଘଟଣା

# ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ

ଭୁବନେଶ୍ୱର, (ପିଏନ)- ବେଆଇନ ପାର୍କିଂ ଫି' ଆଦାୟକୁ ନେଇ ସମ୍ବାଦ ପରିବେଷଣବେଳେ ଏସପ୍ଲାନେଡ ମଲର କର୍ମଚାରୀଙ୍କ ଦ୍ୱାରା ମହିଳା ସାମ୍ବାଦିକ ଓ କ୍ୟାମେରାମ୍ୟାନଙ୍କୁ ଆକ୍ରମଣ ମାମଲାରେ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ମାମଲାରେ ଦୋଷୀମାନଙ୍କୁ ଗିରଫ କରିବା ଦାବିକରି ସାମ୍ବାଦିକମାନେ ରବିବାର ଦିନ ମଲ ଗେଟ୍ ସାମ୍ନାରେ ଧାରଣା ଦେଇଥିଲେ । ସାମ୍ବାଦିକମାନେ ମଲ୍ କର୍ତୃପକ୍ଷ ଓ ପୋଲିସ ପ୍ରଶାସନ ବିରୁଦ୍ଧରେ ନାରାବାଜି କରିବାର ମଧ ଦେଖିବାକୁ ମିଳିଥିଲା ।

## ଯାଂଚ ପରେ ହେବ କାର୍ଯ୍ୟାନୁଷ୍ଠାନ-ଡିସିପି

ଭୁବନେଶ୍ୱର, (ପିଏନ)- ଏସପ୍ଲାନେଡ ମଲରେ ମହିଳା ସାମ୍ବାଦିକଙ୍କୁ ଆକ୍ରମଣ ମାମଲାରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ଏହି ମାମଲାରେ ତଦନ୍ତ କାର୍ଯ୍ୟ ଜାରି ରହିଛି । ଯାଂଚ ପରେ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଅନୁପ ସାହୁ । ସେ କହିଛନ୍ତି ଯେ, ଏ ସମ୍ପର୍କରେ ଶହୀଦ ନଗର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ପୋଲିସ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଉଛି । ଅତିରିକ୍ତ ଡିସିପି ରାଜୁ ପାଇକରାୟଙ୍କୁ ଏହି ମାମଲାର ସୁପରଭିଜନର ଦାୟିତ୍ୱ ଦିଆଯାଇଛି । ସେ ନିଜେ ଘଟଣାସ୍ଥଳକୁ ଆସି ମାମଲାର ତଦାରଖ କରିବେ । ଶ୍ରୀ ସାହୁ କହିଛନ୍ତି ଯେ, ଘଟଣାର ସିସିଟିଭି ଫୁଟେଜ, ଭିଡିଓ ଫୁଟେଜ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବକ୍ତବ୍ୟ ଆଦି ଉପଲବ୍ଧ ରହିଛି । ଏହି ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଯାଂଚ କରାଯାଉଛି । ଯିଏ ଏହି ମାମଲାରେ ସମ୍ପୃକ୍ତ ଥିବ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ମାମଲାରେ କାହାରିକୁ ଛଡ଼ାଯିବ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି ।

ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଏହି ଅବସରରେ କହିଥିଲେ ଯେ, ଯେପରି ଭାବରେ ଜଣେ କାର୍ଯ୍ୟରତ ମହିଳା ସାମ୍ବାଦିକଙ୍କ ସହିତ ଦୁର୍ବ୍ୟବହାର ଓ ଆକ୍ରମଣ କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ । ଏହି ଘଟଣା ସୂଚାଇ ଦେଉଛି ଯେ, ରାଜ୍ୟରେ ସାମ୍ବାଦିକମାନେ କେତେ ପ୍ରତିକୂଳ ପରିସ୍ଥିତିରେ କାମ କରୁଛନ୍ତି । ଗତକାଲି ଘଟଣାରେ ଦାୟୀଥିବା ସମସ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓୟୁଜେ ଦାବି କରୁଛି । ଏହାବାଦ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଏକ ଆଇନ୍ ଆଣିବା ପାଇଁ ଓୟୁଜେର ପୁରୁଣା ଦାବିକୁ ସେ ପୁଣିଥରେ ଦୋହରାଉଛନ୍ତି ବୋଲି ସେ କହିଥିଲେ ।

ଆନ୍ଦୋଳନରତ ସାମ୍ବାଦିକମାନଙ୍କୁ ବୁଝାସୁଝା କରିବା ପାଇଁ ଡିସିପି ଅନୁପ ସାହୁଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଂଚିଥିଲେ । ତେବେ ସାମ୍ବାଦିକମାନେ ଦୋଷୀମାନଙ୍କୁ ଗିରଫ ନକରିବା ପର୍ଯ୍ୟନ୍ତ ସେମାନଙ୍କର ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶନିବାର ସନ୍ଧ୍ୟାରେ ଏକ ୱେବ ଚାନେଲ 'ଅର୍ଗସ' ଦ୍ୱାରା ଏହି ମଲରେ ବେଆଇନ ପାର୍କିଂ ଫି' ଆଦାୟକୁ ନେଇ ଖବର ପ୍ରସାରଣ କରୁଥିବାବେଳେ ମହିଳା ସାମ୍ବାଦିକ ସ୍ୱାତୀ ଜେନା ଓ କ୍ୟାମେରାମ୍ୟାନ ପ୍ରମୋଦ ମହାପାତ୍ରଙ୍କ ଉପରେ ମଲର କର୍ମଚାରୀମାନେ ଆକ୍ରମଣ କରିଥିଲେ । ସେମାନେ ଗାଳିଗୁଲଜ କରିବା ସହ ତାଙ୍କର କ୍ୟାମେରା ଛଡ଼ାଇନେଇଥିଲେ । ସେମାନେ ଭିଡିଓ ସୁଟ୍ କରିବାକୁ ରୋକିଥିଲେ ଏବଂ କ୍ୟାମେରା ଭାଙ୍ଗିବା ପାଇଁ ମଧ ଧମକ ଦେଇଥିଲେ । କେବଳ ଏତିକି ନୁହେଁ, ସେମାନେ ସାମ୍ବାଦିକଙ୍କୁ ଗୋଇଠା ମାରିବା ସହ ତାଙ୍କୁ ଦୀର୍ଘସମୟ ଧରି ମଲ ଭିତରେ ଅଟକାଇ ରଖିଥିଲେ । ପୋଲିସକୁ ସୂଚନା ଦିଆଯିବା ପରେ ପୋଲିସ୍ ଟିମ୍ ସେଠାରେ ପହଂଚି ସେମାନଙ୍କୁ ଉଦ୍ଧାର କରିଥିଲା । ଏହାପରେ ମହିଳା ସାମ୍ବାଦିକ ଜଣକ ଶହୀଦ ନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।

# ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲାର ପର୍ଦ୍ଦାଫାଶ : ୨ ସୁପାରୀ କିଲରଙ୍କ ସମେତ ୫ ଗିରଫ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ବହୁଚର୍ଚ୍ଚିତ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି କନ୍ଧମାଳ ପୋଲିସ । ଘଟଣାର ୨୦ ଦିନ ପରେ କନ୍ଧମାଳ ପୋଲିସକୁ ମିଳିଛି ସଫଳତା । କନ୍ଧମାଳ ଏସପି ପ୍ରତୀକ ସିଂଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବାଲିଗୁଡା ପୋଲିସ ଏସଡିପିଓ ମାନସରଞ୍ଜନ ବାରିକ ଓ ଥାନା ଅଧିକାରୀ ପ୍ରଶାନ୍ତ ବେହେରା ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହାୟତାରେ ପୋଲିସ ୨ ଜଣ ସୁପାରି କିଲରଙ୍କ ସମେତ ବାଲିଗୁଡାର ବ୍ୟବସାୟୀ ସାମ୍ବାଦିକ କେ.ବିଶ୍ୱଜିତ ପାତ୍ର(୪୨), ଏସ.ବାଲାଜୀ ଆଚାରୀ(୨୯), ରାସବିହାରୀ ଦାସ(୩୯)ଙ୍କୁ ଗିରଫ କରିଛି ।

ବାଲିଗୁଡାର ଯୁବ ବ୍ୟବସାୟୀ ତଥା



ସାମ୍ବାଦିକ କେ.ବିଶ୍ୱଜିତ ପାତ୍ରଙ୍କ ସହ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା । ବାଲିଗୁଡାରେ ଥିବା ଜଗନ୍ନାଥ ମନ୍ଦିରର ଦୋକାନ ଘର ଛାଡିବା ନୋଟିସକୁ ନେଇ ବିବାଦ ଲାଗିରହିଥିଲା ଓ ଏହାପରେ ବ୍ୟକ୍ତିଗତ ଶତୃତାରେ ପରିଣତ ହୋଇଥିଲା । ଫଳରେ ବିଶ୍ୱଜିତ ପାତ୍ର ଅଭିମନ୍ୟୁ ପଣ୍ଡାଙ୍କୁ ହଟାଇବା ଲାଗି ଚିନ୍ତା କରି ୨ ଜଣ ସହଯୋଗୀ ବିଦ୍ୟୁତ ବିଭାଗର ଲାଇନମେନ ଭାବେ ବାଲିଗୁଡାରେ କାର୍ଯ୍ୟରତ ଥିବା ଏସ.ବାଲାଜୀ ଆଚାରୀ ଓ ରାସବିହାରୀ ଦାସଙ୍କ ସହଯୋଗ ମାଗିଥିଲେ । ଫଳରେ ବାଲାଜୀ ଓ ରାସବିହାରୀ ବିଶ୍ୱଜିତଙ୍କ ଠାରୁ ଏକଲକ୍ଷ ଟଙ୍କା ନେଇ ଗଂଜାମ ଜିଲ୍ଲାର ଏହି ୨ ଜଣ ସୁପାରୀ କିଲରଙ୍କ ସହ କଥାବାର୍ତା ଅଭିମନ୍ୟୁଙ୍କ ହତ୍ୟାର ଯୋଜନା କରିଥିଲେ । ଫଳରେ ଯୋଜନା ମୁତାବକ ୨ ଜଣ ସୁପାରୀ କିଲର ବାଇକ ଯୋଗେ ୮ ତାରିଖ ଦିନ ବାଲିଗୁଡା ଆସିଥିଲେ । ସେମାନଙ୍କୁ ଅଭିମନ୍ୟୁଙ୍କ ଘର ଓ ଅଭିମନ୍ୟୁ ପଣ୍ଡାଙ୍କୁ ଚିହ୍ନାଇ ଦେଇଥିଲେ ରାସବିହାରୀ ଓ ବାଲାଜୀ । ଆଉ ୧୦ ତାରିଖ ଦିନ ସକାଳୁ ୨ ଜଣ ଅଭିଯୁକ୍ତ ଅଭିମନ୍ୟୁ ପଣ୍ଡାଙ୍କ ଘର ସମ୍ମୁଖରେ ବାଇକରେ ଆସି ଅତି ନିକଟରୁ ଗୋଟିଏ ରାଉଣ୍ଡ ଗୁଳି ଫାୟାର କରିଥିଲେ । ଫଳରେ ଅଭିମନ୍ୟୁଙ୍କ ଛାତିରେ ଗୁଳି ବାଜି ଘଟଣାସ୍ଥଳରେହିଁ ମୃତ୍ୟୁ ଘଟିଥିଲା ଅଭିମନ୍ୟୁଙ୍କର ।

ଏହି ଘଟଣାରେ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପୋଲିସକୁ ଦୀର୍ଘ ୨୦ ଦିନ ଧରି କସରତ କରିବାକୁ ପଡିଥିଲା । ସ୍ଥାନୀୟ ଜନସାଧାରଣ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବୀ କରିଆସୁଥିଲେ । ଥାନା ଘେରାଉ ଓ ର୍ୟାଲି କରିବେ ବୋଲି ମଧ୍ୟ ଧମକ ଦେଇ ଆସୁଥିଲେ । ତେବେ, ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ପୋଲିସ ସଫଳ ହେବା ପରେ ପୋଲିସକୁ ଆଶ୍ୱସ୍ତି ମିଳିଛି ଓ ଅଭିମନ୍ୟୁ ପଣ୍ଡାଙ୍କ ପରିବାରକୁ ନ୍ୟାୟ ମଧ୍ୟ ମିଳିଥିବା କୁହାଯାଉଛି । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ୧୮୮/୧୯ ରୁଜୁ କରିବାସହ ଧାରା ୩୦୨/୩୪ ଓ ଆର୍ମସ ଆକ୍ଟ ୨୫/୨୭ ରେ ୫ ଜଣଙ୍କୁ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି । ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ପିସ୍ତଲ ଗୋଟିଏ, ୩ ଅଫୁଟା ଗୁଳି, ୬ଟି ମୋବାଇଲ ଫୋନ୍, ବାଇକ, ବ୍ୟାଗ, ଯୋତା, ପୋଷାକ, ଜ୍ୟାକେଟ ଆଦି ଜବତ କରିଥିବା ଆଜି ଏକ ସାମ୍ବାଦିକ ସମ୍ମିଳନିରେ କନ୍ଧମାଳ ଏସପି ପ୍ରତୀକ ସିଂ ଏହି ସୂଚନା ଦେଇଛନ୍ତି ।

# ଜାନୁଆରୀ ୮ରେ ହେବ ଗ୍ରାମୀଣ ଭାରତ ବନ୍ଦ

ଭୁବନେଶ୍ୱର, (ପିଏନ)- ମୋଦି ସରକାରଙ୍କ କୃଷିକ୍ଷେତ୍ରକୁ ଚରମ ଅବହେଳା, ଜନ ବିରୋଧୀ ଆର୍ଥିକ ନୀତି, ମାନ୍ଦାବସ୍ଥା, ଦରଦାମ ବୃଦ୍ଧି ଓ ଉତ୍କଳ ବେକାରୀ ବିରୋଧରେ ଦେଶର ୨୦୦ଟି କୃଷକ ଓ କ୍ଷେତ ମୂଲିଆ ସଙ୍ଗଠନ ଆସନ୍ତା ଜାନୁୟାରୀ ୮ ତାରିଖରେ ଗ୍ରାମୀଣ ଭାରତ ବନ୍ଦର ଯେଉଁ ଡାକରା ଦେଇଛନ୍ତି ତାକୁ ଓଡ଼ିଶାରେ ସଫଳ କରିବା ପାଇଁ ଅଖିଳ ଭାରତ କୃଷକ ସଭା ଓ ଭାରତୀୟ କ୍ଷେତ ମଜଦୂର ୟୁନିୟନର ରାଜ୍ୟ ପରିଷଦ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଆଜି କୃଷକ ସଭା ଓ ବିକେଏମୟୁର ମିଳିତ ରାଜ୍ୟ ପରିଷଦର ଭଗବତୀ ଭବନ ଠାରେ ସୁର ଜେନା ଓ ଶଶୀଭୂଷଣ ସ୍ୱାଇଁଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ଦ୍ୱାରା ପରିଚାଳିତ ମିଳିତ ବୈଠକରେ ଏହି ନିଷ୍ପତି ନିଆଯାଇଛି । କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ, ସନାତନ ପାତ୍ର, ନିରଞ୍ଜନ ବାରିକ, କୈଳାସ ପଣ୍ଡା, କୃଷ୍ଣଚନ୍ଦ୍ର ରାଉତ ଏବଂ ବିକେଏମୟୁର ତ୍ରୈଲୋକ୍ୟ ଜେନା, ଶରତ ସ୍ୱାଇଁ, ସର୍ବେଶ୍ୱର ମାର୍ଥା ଓ ନୃସିଂହ ବେହେରା ପ୍ରମୁଖ ଏଥିରେ ଉଦବୋଧନା ଦେଇ ଉକ୍ତ ଦିନ ଓଡ଼ିଶାର ଗାଁଗଣ୍ଡାର ସମସ୍ତ ବଜାର ଓ ସମଗ୍ର ଗ୍ରାମାଂଚଳକୁ ଅଚଳ କରିଦିଆଯିବ ବୋଲି ଘୋଷଣା କରିଥିଲେ । ପ୍ରକାଶଥାଉ କି ଶ୍ରମିକ ଓ କୃଷକ ବିରୋଧୀ ନୀତି ଓ ସାମ୍ପ୍ରଦାୟିକ ଫାଶିବାଦ ବିରୁଦ୍ଧରେ ଏହି ଜାନୁଆରୀ ୮ ତାରିଖରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଦେଶବ୍ୟାପୀ ସାଧାରଣ ଧର୍ମଘଟ ବା ହରତାଳର ଡାକରା ଦେଇଛନ୍ତି ।








## ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ❖ ବିଜୟ ଦିବସ (ଭାରତ)
- ❖ ଜାତୀୟ କ୍ରୀଡା ଦିବସ (ଆଇଲ୍ୟାଣ୍ଡ)
- ❖ ତାଜ୍ ହୋଟେଲ୍ ସେବାର ଶୁଭାରମ୍ଭ (୧୯୦୩)
- ❖ ଜାତିସଂଘରେ ଯୋଗ ଦେଲା ଥାଇଲ୍ୟାଣ୍ଡ (୧୯୪୭)
- ❖ ଦିଲ୍ଲୀରେ ଏକ ଲୋମହର୍ଷଣକାରୀ ଦୁଷ୍କର୍ମ ଘଟଣା ଘଟିଥିଲା । (୨୦୧୨)
- ❖ ବ୍ରିଟେନ୍‌ଠାରୁ ବାହାରିନ୍ ସ୍ୱାଧୀନତା ଲାଭ କଲା (୧୯୭୧)
- ❖ ରାଜନେତା ଏଚ୍‌ଡି କୁମାରସ୍ୱାମୀଙ୍କ ଜନ୍ମ (୧୯୫୭)

## ପୁରାଣ କାହାଣୀ

# ପ୍ରତି ବର୍ଷ ଭାଙ୍ଗେ ଶିବ ଲିଙ୍ଗ

ହିମାଚଳରେ ଅନେକ ମହାଦେବ ମନ୍ଦିର ରହିଛି । ସବୁ ମନ୍ଦିରର ମହିମା ଅପାର । ସେହିପରି କୁଲୁ ଜିଲ୍ଲାରେ ଏପରି ଏକ ଶିବ ମନ୍ଦିର ରହିଛି ଯେଉଁଠି ପ୍ରତି ବାରବର୍ଷରେ ଥରେ ଶିବଲିଙ୍ଗ ଉପରେ ବିଜୁଳି ପଡ଼ି ଶିବଲିଙ୍ଗ ଖଣ୍ଡ ହୋଇଯାଇଥାଏ । ସ୍ଥାନୀୟ ପୂଜାରୀ ଶିବଲିଙ୍ଗ ଉପରେ ଲହୁଣୀ ବୋଳି ଯୋଡ଼ି ଦେଇଥାଏ । ପୂଜାରୀ ଲହୁଣି ବା ଘିଅ ବୋଳି ଦେବା ପରେ ଶିବଲିଙ୍ଗଟି ଆପେ ଆପେ ପୂର୍ବାବସ୍ଥାକୁ ଫେରିଆସିଥାଏ । ଏହି ଶିବାଳୟକୁ ସ୍ଥାନୀୟବାସିନ୍ଦା ବିଜୁଳି ମହାଦେବ ମନ୍ଦିର ନାମରେ ସମ୍ବୋଧନ କରିଥାନ୍ତି । ଆଉ କେହି ବଡ଼ ଦେଉଳ ବୋଲି କହିଥାନ୍ତି । କୁଲୁ ସହରରେ ଅବସ୍ଥିତ ବ୍ୟାସ ଏବଂ ପାର୍ବତୀ ନଦୀର ସଂଗମ ସ୍ଥଳରେ ବିଜୁଳି ମହାଦେବ ମନ୍ଦିର ଅବସ୍ଥିତ । ପୌରାଣିକ କଥାନୁଯାୟୀ ଏଠାରେ ଏକ ବିଶାଳ ଅଜଗର ରହୁଥିଲା । ଜଗତ କଲ୍ୟାଣ ପାଇଁ ଭଗବାନ୍ ଶିବ ଉକ୍ତ ଅଜଗରକୁ ବଧ କଲେ । କୁଳାନ୍ତ ନାମକ ଦୈତ୍ୟ ଥିଲେ । ସେ ଇଚ୍ଛାଧାରୀ ହୋଇଥିବାରୁ ଯେକୌଣସି ମୁହୂର୍ତ୍ତରେ ନିଜକୁ ବଦଳାଇଦେଇଥାନ୍ତି । ଥରେ କୁଳାନ୍ତ ଅଜଗର ରୂପ ଧାରଣ କରି କୁଲୁସ୍ଥିତ ମଥାଣ ଗ୍ରାମକୁ ଆସିଥିଲା । ସେ ବ୍ୟାସ ଓ ପାର୍ବତୀ ନଦୀର ସଂଗମରେ ବାସ କରିବାକୁ ଲାଗିଲା । ସେ ଏତେ ବଡ଼ ଥିଲା ଯେ ବ୍ୟାସ ଓ ପାର୍ବତୀ ନଦୀର ଜଳସ୍ତରକୁ ବୃଦ୍ଧି କରାଇଲା ଓ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ ମଧ୍ୟ କଲା । ଇଚ୍ଛାଧାରୀ କୁଳାନ୍ତର ଏପରି କାଣ୍ଡ ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ମହାଦେବଙ୍କ ଶରଣରେ ପଶିଲେ । । ଭକ୍ତଙ୍କ ସଙ୍କଟକୁ ଦୂର କରିବା ଲାଗି ଭଗବାନ୍ ଶିବ କୁଳାନ୍ତକୁ କହିଲେ ତୁମ ଲାଞ୍ଜରେ ନିଆଁ ଲାଗିଯାଇଛି । ସେ ଭୟଭୀତ ହୋଇ ଯେତେବେଳେ ନିଜ ଲାଞ୍ଜକୁ ଦେଖିଲା ସେହି ସମୟରେ ଭଗବାନ୍ ଶିବ ତ୍ରିଶୂଳରେ ଅଜଗରକୁ ପ୍ରହାର କଲେ । କୁଳାନ୍ତର ଶରୀର ବହୁତ ବଡ଼ ଥିଲା । ତାହା ଏକ ପାହାଡ଼ ହୋଇଗଲା । ସେହି କ୍ଷଣି ଭଗବାନ୍ ଶିବ ଅଜଗରକୁ ବଧ କରିବା ପାଇଁ ଦେବରାଜ ଇନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଲେ ଯେ ବିଜୁଳି ମାରିବାଲାଗି । ଇନ୍ଦ୍ର ବିଜୁଳି ମାରିବା ଦ୍ୱାରା କୁଳାନ୍ତ ବଧ ହେଲା । ଭଗବାନ୍ ଶିବ ଇନ୍ଦ୍ରଙ୍କୁ କହିଲେ ୧୨ ବର୍ଷରେ ଥରେ ଏହି ସ୍ଥାନରେ ବିଜୁଳି ମାରିବ । କୁହାଯାଏ ଯେ ଏବେ ବି ଇନ୍ଦ୍ର ବିଜୁଳି ମାରି ଉକ୍ତ ପାହାଡ଼ରେ ଅବସ୍ଥିତ ବିଜୁଳି ଦେବ ମନ୍ଦିରର ଶିବଲିଙ୍ଗକୁ ଦୁଇ ଖଣ୍ଡ କରିଦେଇଥାଏ ଓ ସ୍ଥାନୀୟ ପୂଜାରୀ ଲହୁଣି ଓ ଘିଅ ବୋଳି ଶିବଲିଙ୍ଗକୁ ଯୋଡ଼ିଥାଏ । ଆପେ ଆପେ ଶିବଲିଙ୍ଗଟି ପୂର୍ବାବସ୍ଥାକୁ ଫେରିଆସିଥାନ୍ତି । ମହାଦେବ ଖୋଦ୍ ଚାହାଁନ୍ତି ନାହିଁ କି ଲୋକମାନେ ତଥା ଭକ୍ତମାନେ ବିଜୁଳି ଆଘାତରେ ଶିକାର ହୁଅନ୍ତି । ସେଥିପାଇଁ ସେ ବିଜୁଳି ଆଘାତକୁ ନିଜ ଉପରେ ନେଇ ସହିଥାନ୍ତି । ଯଦ୍ୱାରା ଶିବଲିଙ୍ଗ ଭାଙ୍ଗିଯାଇଥାଏ । ଏହି ମହାଦେବଙ୍କ ଏକ ରଥ ରହିଛି । ରଥରେ ସ୍ୱୟଂ ମହାଦେବ ବିରାଜମାନ ହୋଇ ଦଶହରା ସମୟରେ ସମଗ୍ର କୁଲୁରେ ଦର୍ଶନ ଦେଇଥାନ୍ତି ।





୧୯୭୧ରେ ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ପାକିସ୍ଥାନ ଉପରେ ବିଜୟ ହାସଲ କରି ଭାରତ ସେନା ଡିସେମ୍ବର ମାସ ୧୬ ତାରିଖକୁ ବିଜୟ ଦିବସ ରୂପେ ପାଳନ କରିଆସୁଛି । ଯୁଦ୍ଧର ଶେଷ ପର୍ଯ୍ୟାୟରେ ବାଙ୍ଗଲାଦେଶଠାରେ ପୂର୍ବ ପାକିସ୍ଥାନ ଓ ପାକିସ୍ଥାନ ସେନା ଏକତରଫା ଭାବେ ଓ ବିନା ସର୍ତ୍ତରେ ଆତ୍ମସମର୍ପଣ କରିଥିଲେ । ବିଜୟ ଦିବସ ଅବସରେ ଦେଶ ମାତୃଭୂମି ପାଇଁ ନିଜର ପ୍ରାଣ ତ୍ୟାଗ କରିଥିବା ଶହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଭାରତ ଆଜିର ଦିବସ ପାଳନ କରୁଛି । ଏହି ଉତ୍ସବ ସମାରୋହ ଦେଶର ରାଜଧାନୀ ନୂଆଦିଲ୍ଲୀରେ ରହିଥିବା ଇଣ୍ଡିଆ ଗେଟ୍‌ର ଅମର ଯବାନ ଜ୍ୟୋତି ନିକଟରେ ଭାରତୀୟ ସଶସ୍ତ୍ର ସୈନ୍ୟ ବାହିନୀ, ବିଭିନ୍ନ ମନ୍ତ୍ରୀ ମହୋଦୟ ସହିତ ରାଷ୍ଟ୍ରୀୟ ସୈନ୍ୟସ୍ମାରକ ଶହିଦ୍‌ଙ୍କୁ ପ୍ରଦାନ କରାଯାଏ ।

## ମୃତକଙ୍କ ସାଜସଜ୍ଜା



ଧାର୍ମିକ ରୀତି ନୀତି ଏବଂ ମାନ୍ୟତା ଅନୁସାରେ ମୃତ୍ୟୁ ପରେ ମୃତ ଶରୀରର ଅନ୍ତିମ ସଂସ୍କାର କରାଯାଏ । କିଏ ମୃତ ଦେହକୁ ପୋଡ଼ିଥାନ୍ତି ତ ଆଉ କିଏ ଶବକୁ ପୋତି ଦିଅନ୍ତି । ପୋଡ଼ି ଯାଇଥିବା ମୃତ ଦେହ ତ ଆଉ ଫେରେ ନାହିଁ କିନ୍ତୁ କବର ମଧ୍ୟରେ ଥିବା ମୃତ ଶରୀରକୁ ବାହାରକୁ ବାହାର କରିବା କଥା କେବେ ଶୁଣିଛନ୍ତି ? ସାଉଥ୍ ତୋରାଜାରେ ମୃତ ଶରୀରକୁ ସଜେଇ ମୃତ ଆତ୍ମାର ସ୍ୱାଗତ କରାଯାଇଥାଏ । ତୋରାଜା ନିବାସୀମାନେ ମୃତ ଶରୀରକୁ କବର ମଧ୍ୟରୁ ବାହାର କରି, ସେମାନଙ୍କୁ ନୂତନ ବସ୍ତ୍ର ପରିଧାନ କରାଇ, ସଜବାଜ କରାନ୍ତି । ଉକ୍ତ ଅଞ୍ଚଳ ବାସିନ୍ଦାଙ୍କ ମାନ୍ୟତା ହେଉଛି ମୃତ ବ୍ୟକ୍ତିମାନେ ଏହି ପ୍ରକ୍ରିୟା ଜରିଆରେ ପୁନର୍ବାର ନିଜ ସମ୍ପର୍କୀୟଙ୍କ ସହିତ ସାକ୍ଷାତ କରାଇଥାନ୍ତି । ଏପରି ପ୍ରକ୍ରିୟା ପ୍ରତି ୩ବର୍ଷରେ ଥରେ କରାଯାଇଥାଏ । ଏହି କ୍ରିୟାକୁ ଠିକ୍ ସେପରି ହିଁ କରାଯାଇଥାଏ । ଯେପରି ଏକ ଜୀବନ୍ତ ବ୍ୟକ୍ତି ନିଜର ପ୍ରତିଦିନ ଜୀବନରେ ନିୟମକୁ ପୂରା କରୁଛି । ଏଠାରେ ମହିଳାମାନଙ୍କର ମୃତ ଶରୀରକୁ କଣ୍ଢେଇ ରୂପେ ସଜା ଯାଇଥାଏ ଏବଂ ପରେ ଏହି ମୃତ ଶରୀର ଗୁଡ଼ିକୁ ଠିକ୍ ପୂର୍ବ ଭଳି କବର ମଧ୍ୟରେ ରଖିଦିଆଯାଇଥାଏ ।

## ଆଜିର ଭାଗ୍ୟ



**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।



**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।



**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।



**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।



**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।



**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।



**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।



**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।



**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।



**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।



**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।



**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ’ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା’ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା’ନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ । ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ବୟଫ୍ରେଣ୍ଡଙ୍କ ସହ ଏକାଠି ରହିବେ କରିସ୍ମା



ସଂଜୟ କପୁରଙ୍କ ସହ ବିବାହ ବିଚ୍ଛେଦ ହେବା ପରେ କରିସ୍ମା କପୁର ବର୍ତ୍ତମାନ ନିଜ ପିଲାମାନଙ୍କ ସହ ବାପା ରଣଧୀର କପୁରଙ୍କ ଘରେ ରହୁଛନ୍ତି । କିନ୍ତୁ ଶୁଣିବାକୁ ମିଳିଛି କି ଖୁବ୍ ଶୀଘ୍ର ସେ ବୟଫ୍ରେଣ୍ଡ ସନ୍ଦୀପ ତୋସାନୀବାଲଙ୍କ ସହ ଲିଭ ଇନ୍ ରିଲେସନସିପ୍‌ରେ ରହିବେ । ସେମାନଙ୍କ ସାଥିରେ କରିସ୍ମାଙ୍କ ଦୁଇ ସନ୍ତାନ ମଧ୍ୟ ରହିବେ । ସନ୍ଦୀପ ମୁମ୍ବାଇର ଏକ ପ୍ରତିଷ୍ଠିତ କମ୍ପାନୀର ସିଇଓ ଅଟନ୍ତି । ସଯଙ୍କ ଠାରୁ ଦୂରେଇ ଯିବା ପରେ କରିସ୍ମା ସନ୍ଦୀପଙ୍କ ନିକଟବର୍ତ୍ତୀ ହେବାରେ ଲାଗିଥିଲେ । ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା । ତେବେ ସନ୍ଦୀପ ମଧ୍ୟ ପୂର୍ବରୁ ବିବାହ କରିଛନ୍ତି ।

## ସିକ୍ୱେଲ ପ୍ରିୟ ଫରହାନ୍

ବଲିଉଡ଼ର ଜଣାଶୁଣା ଅଭିନେତା ଓ ଫିଲ୍ମ ମେକର ଫରହାନ୍ ଅଖ୍ତର ତାଙ୍କର ଫିଲ୍ମ ‘ଜିନ୍ଦଗି ନା ମିଲେଗି ଦୋବାରା’ର ସିକ୍ୱେଲ୍ ବନାଇବାକୁ ଇଚ୍ଛା ରଖିଛନ୍ତି । ଏହି ଫିଲ୍ମ ୨୦୧୧ରେ ରିଲିଜ ହୋଇଥିଲା । ଫିଲ୍ମ ଜିନ୍ଦଗି ନା ମିଲେଗି ଦୋବାରା ଏକ ରୋଡ଼ ଟ୍ରିପ୍ ଡ୍ରାମା ଥିଲା । ଏବେ ଯଦି ଫିଲ୍ମର ସିକ୍ୱେଲ ବନାଯାଏ ତେବେ ଭଲ ହେବ ବୋଲି ଫରହାନ୍ କହିଛନ୍ତି । ଫିଲ୍ମଟି ତିନି ଜଣ ପିଲାଦିନର ସାଙ୍ଗଙ୍କ କାହାଣୀ, ଯେଉଁଥିରେ ସେମାନେ ବିବାହ ପୂର୍ବରୁ ସ୍ପେନ୍ ଟ୍ରିପ୍‌ରେ ଯାଇଛନ୍ତି ଓ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ଏହି ଫିଲ୍ମର ନିର୍ଦ୍ଦେଶନା ଫରହାନ ଅଖତରଙ୍କ ଭଉଣୀ ଜୋୟା ଅଖତର କରିଛନ୍ତି । ଫିଲ୍ମରେ ଫରହାନ୍‌ଙ୍କ ସହିତ ହ୍ରିତିକ୍ ରୋଶନ୍ ବି ଥିଲେ । ଏବେ କିନ୍ତୁ ଫରହାନ୍ ତାଙ୍କର ‘ରକ୍ ଅନ୍’ ଫିଲ୍ମର ସିକ୍ୱେଲ କାମରେ ବ୍ୟସ୍ତ ଅଛନ୍ତି ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ



ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ଯାହାକୁ ନେଇ ସେଠାକାର କରିଛି । କଥା କ’ଣ ସେହି ଗଛ ପାଲଟିଛି । ସେଠାକାର ଅନେକ ପରେ ତାଙ୍କ ମୃତ ଦେହକୁ ମାଟିରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ସେମାନଙ୍କର ପିଲାମାନଙ୍କୁ ପ୍ରକୃତି । ଏହି ଖାସ୍ ପ୍ରକାରର ଗଛ ନାମକ ସ୍ଥାନରେ ଅବସ୍ଥିତ । ସେ ଗଛରେ ତାଙ୍କର ସମାଧି ବନାଇବା ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଲୋକଙ୍କର ଏକ ଅନ୍ଧବିଶ୍ୱାସ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପୋତିବା ବଦଳରେ ଗଛ ମଧ୍ୟରେ ରହିଛି ସେପରି କଲେ ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ ସେଠାକାର ତାନା ତୋରାଜା ଗାଁର ପିଲାମାନେ ମରିଯିବା ପରେ ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।




# ସ୍ୱାଭିମାନୀ, ସାଲିସ୍‌ବିହୀନ ସମ୍ରାଟ ଅଶୋକ ଦାସ

## ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ...



ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ବାଣୀ ଅମର ଆତ୍ମା ଅଶୋକ ଦାସଙ୍କ ମର୍ମକୁ ସ୍ପର୍ଶ କରିପାରିଥିଲା। ସଦାସର୍ବଦା ଆମ୍ଭମାନଙ୍କୁ ରାଜନୈତିକ ଜୀବନରେ କହୁଥିଲେ ଯେ ଯଦି ତୁମର ଡାକ କେହି ନଶୁଣୁଛନ୍ତି, ତେବେ ଏକଲା ଚଲରେ ଏକଲା ଚଲ। ଯଦି କେହି ଓଡ଼ିଶା ରାଜନୈତିକ ମଇଦାନରେ ଏଭଳି ଦୃଢ ପ୍ରତିଜ୍ଞାବଦ୍ଧ ନିଷ୍ପତ୍ତି ନେଉଥିଲେ, ତେବେ କେବଳ ଦ୍ୱିତୀୟ ପ୍ରବାଦପୁରୁଷ ଅଶୋକ ଦାସଙ୍କ ଭଳି ସ୍ୱାଭିମାନୀ, ସାଲିସ୍‌ବିହୀନ ସମ୍ରାଟଙ୍କ ଛଡ଼ା ବୋଧେ ଆଉ କେହି ନାହାଁନ୍ତି। ପ୍ରକୃତରେ ପ୍ରବାଦପୁରୁଷ 'ବିଜୁବାବୁ'ଙ୍କର ରାଜନୈତିକ ଚିନ୍ତାଧାରାକୁ କେବଳ 'ଅଶୋକ ଦାସ'ହିଁ ତାଙ୍କର ଜୀବନକାଳ ମଧ୍ୟରେ ଅନୁସରଣ କରିଛନ୍ତି। ସେ ହେଉଛନ୍ତି ପ୍ରକୃତରେ ପ୍ରବାଦପୁରୁଷ 'ବିଜୁବାବୁ'ଙ୍କର ପ୍ରକୃତ ରାଜନୈତିକ ଦାୟାଦ। ବିଜୁବାବୁଙ୍କର ସମସ୍ତ ରାଜନୈତିକ ଗୁଣ ତାଙ୍କରି ପାଖରେ ଭରପୁର ଥିଲା। ସେ ଥିଲେ ବାସ୍ତବରେ ଜଣେ ସାଲିସ୍‌ବିହୀନ ସମ୍ରାଟ ଏବଂ ସ୍ୱାଭିମାନୀ, ଆଦରଣୀୟ ଜନନେତା। ଓଡ଼ିଶା ରାଜନୈତିକ ମଇଦାନରେ ସେ ଥିଲେ ଜଣେ ମହାବଳ ବାଘ। ବାଘର ଗୁଣାବଳୀକୁ ଅନୁଧ୍ୟାନ କରିବା ପାଇଁ ସେ ମଧ୍ୟ ଘରେ ପୋଷିଥିଲେ ଗୋଟେ ମହାବଳ ବାଘ।

କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ପାରିବାରିକ ଓ ସାମାଜିକ ଜୀବନରେ ସେ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ। ନ୍ୟାୟ ଓ ଆଦର୍ଶବାଦର ବ୍ରତୀ ତାଙ୍କର ନିଷ୍ପତ୍ତି ଥିଲା ଅଟଳ। କଥାରେ ସେ ଥିଲେ ଯେମିତି କଠୋର, ଅନ୍ତରାତ୍ମାରେ ଭରି ରହିଥିଲା ଠିକ୍ ସେତିକି ଉଦାର। ସେଥିଲାଗି ତାଙ୍କର ରାଜନୈତିକ ପରାମର୍ଶକୁ ଆମ୍ଭେମାନେ ପାଳୁଥିଲୁ ଆନନ୍ଦ ମନରେ।

ମୁଁ ତାଙ୍କ ସହିତ ରାଜନୈତିକ ସଂସ୍ପର୍ଶରେ ଆସିଥିଲି ୧୯୮୪ ମସିହା ବୁର୍ଲା ଇଞ୍ଜିନିୟରିଂ ଛାତ୍ରହତ୍ୟା ଘଟଣାବହୁଳ ପରିପ୍ରେକ୍ଷୀରେ। ସେତେବେଳେ ତାଙ୍କର ଛାତ୍ର ଜନତା ଦଳର ନେତୃତ୍ୱ ନେଉଥା'ନ୍ତି ଆଉ ଜଣେ ଓଡ଼ିଶାର ଉଦୀୟମାନ ଯୁବନେତା ତଥା ପରେ ପୁରୀର ଉପ-ନିର୍ବାଚନରେ ବିଜୟୀ ହୋଇଥିବା ପୂର୍ବତନ ବିଧାୟକ ଏବଂ ମୋର ସ୍ନେହର ପ୍ରିୟ ଭଡ଼ଭାଇ 'ଉମାବଲ୍ଲଭ ରଥ'। ମୋର ସାଂଗଠନିକ କାର୍ଯ୍ୟକ୍ରମ ଉମାଭାଇଙ୍କୁ ପ୍ରଭାବ ପକାଇଥିଲା। ସଙ୍ଗେ ସଙ୍ଗେ ବୁର୍ଲା ଇଞ୍ଜିନିୟରିଂ ଛାତ୍ରହତ୍ୟା ଘଟଣାରେ ସାରା ରାଜ୍ୟରେ ଏକ ବିରାଟ ଛାତ୍ର ଆନ୍ଦୋଳନ ଗଢି ଉଠିଥିଲା। ସେହି ସମୟରେ ମୋତେ ଉମାଭାଇଙ୍କ ପରାମର୍ଶକ୍ରମେ ଓ 'ଅଶୋକ ଦାସ'ଙ୍କ ଅନୁମୋଦନକ୍ରମେ ମୁଁ ରାଜ୍ୟ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବରେ ଦାୟିତ୍ୱ ବହନ କରିଥିଲି। ସେତେବେଳ ପର୍ଯ୍ୟନ୍ତ ଅଶୋକ ଦାସଙ୍କ ଭାବମୂର୍ତ୍ତି ମୋତେ ଜଣା ନ ଥିଲା। ପରେ ଧୀରେ ଧୀରେ ତାଙ୍କର ପରାମର୍ଶ ମଧ୍ୟ ମୋତେ ଗଭୀର ହୃଦୟସ୍ପର୍ଶୀ କରିପାରିଥିଲା। ତାଙ୍କର ନୀତି ଆଦର୍ଶରେ ଆମ୍ଭେ ଏବେ ବି ମଧ୍ୟ ରାଜନୀତି ମଇଦାନରେ ବଞ୍ଚିଛୁ ଏବଂ ମରିବୁ ମଧ୍ୟ।

ତେବେ ଏସବୁ ବ୍ୟତୀତ ଅନ୍ୟ କେତେକ କ୍ଷେତ୍ରରେ ସେ ଥିଲେ ଏକ ଅଦ୍ଭୁତ ମଣିଷ। ମା' କାଳୀ ହେଉଛନ୍ତି ଅଶୋକ ଦାସଙ୍କ ପରିବାରର ଆରାଧ୍ୟ ଦେବୀ। ସେ ଥିଲେ ମା'ଙ୍କ ଉପାସକ। ମା'ଙ୍କ ଆଶୀର୍ବାଦରୁ ରୋଗୀଙ୍କୁ ଦେଉଥିଲେ ମାଗଣା ଔଷଧ। ତାଙ୍କଠୁ ଚେରମୂଳି ଔଷଧ ନେଇ ଅନେକ ରୋଗୀ ହୋଇଛନ୍ତି ଆରୋଗ୍ୟ। ଜମିଦାର ବଂଶର ଏହି ଦାୟାଦ ନିଜକୁ ଦୂରେଇ ରଖୁଥିଲେ ବିଳାସବ୍ୟସନରୁ। କଠିନ ପରିଶ୍ରମ ଓ କଠୋର ଅଧ୍ୟବସାୟ ଥିଲା ତାଙ୍କର ମୂଳମନ୍ତ୍ର।

ଜନତା ଦଳ ଭାଙ୍ଗିଗଲା। ପ୍ରବାଦପୁରୁଷ 'ବିଜୁବାବୁ'ଙ୍କ ଅନୁପସ୍ଥିତିରେ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତାଦଳର ଅଶୋକ ଦାସ ହେଲେ ଓଡ଼ିଶା ରାଜ୍ୟ ସଭାପତି। ସେତେବେଳେ ତାଙ୍କରି ଆଶୀର୍ବାଦରୁ ଜନ୍ମ ନେଇଥିବା ବହୁ ନେତା, ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ହେଲାପରେ ନୂତନ ଭାବେ ବିଜୁ ଜନତା ଦଳ ଗଠନ କରି ତାଙ୍କୁ କରିଥିଲେ କରଛଡ଼ା। ତଥାପି ଜଣେ ନିର୍ଭୀକ ସୈନିକ ଭାବରେ ସେ ରହିଲେ ଓ ମୁଁ ମଧ୍ୟ ରାଜ୍ୟ ଧର୍ମନିରପେକ୍ଷ ଯୁବ ଜନତା ଦଳର ସଭାପତି ଭାବରେ ରହିଲି। ତତ୍‌ସହିତ ଆଉ ଜଣେ ବଡ଼ଭାଇ ଯୁଗଳ କିଶୋର ନାୟକ, କୃଷ୍ଣ ପାତ୍ର, ନରି ସ୍ୱାଇଁ, ରାଜୁ ସିଂ। ଶେଷରେ ତାଙ୍କର ରାଜନୈତିକ ଜୀବନରେ ଏଭଳି ପରିସ୍ଥିତି ଉପୁଜିଲା ଯାହାକି ତାଙ୍କର ଯୋଗ୍ୟତମ ସୁପୁତ୍ର ମଧ୍ୟ ଭରସା ରଖିପାରି ନ ଥିଲେ ପିତାମହଙ୍କ ଉପରେ। ପରେ ସେ ପରିସ୍ଥିତିରେ ପଡ଼ି ୨୦୦୭ ମସିହା ସେପ୍ଟେମ୍ବର ୨୪ ତାରିଖରେ ଅଶୋକ ଦାସ ଶରତ ପାୱାରଙ୍କ ଏନ୍.ସି.ପି.ରେ ଯୋଗଦେଲେ। ବିଜୁଙ୍କ ଆଦର୍ଶକୁ ନେଇ ତାଙ୍କର ଓଡ଼ିଶା ଗଠନ କରିବାର ସ୍ୱପ୍ନ ଚୁର୍‌ମାର ହୋଇଗଲା। ରାଜନୀତିକୁ ସେ ଗ୍ରହଣ କରିଥିଲେ ଖେଳୁଆଡ଼ ମନୋବୃତ୍ତି ନେଇ। ରାଜନୈତିକ ରଣକ୍ଷେତ୍ରରେ ସେ କେତେ ଥର ପରାଜୟ ବରଣ କରିଥିଲେ ବି ଥରୁଟିଏ ଭାଙ୍ଗି ପଡ଼ି ନ ଥିଲେ ଦୁଃଖରେ।

ଯାଜପୁର ଜିଲ୍ଲା ମହାବଳପୁର ଗ୍ରାମର ଏକ ଜମିଦାର ପରିବାରରେ ମାର୍ଚ୍ଚ ୧୫ ତାରିଖ, ୧୯୪୨ ମସିହାରେ ଅଶୋକ ଦାସ ଭୂମିଷ୍ଠ ହୋଇଥିଲେ। ପିତା ଅଦ୍ୱୈତ ପ୍ରସାଦ ଓ ମାତା ମୋହିନୀ ମଞ୍ଜରୀଙ୍କର ତୃତୀୟ ସନ୍ତାନ ରୂପେ ଜନ୍ମ ନେଇ ସେମାନେ ହେଲେ ସପ୍ତରଥୀ ସାତଭାଇ। ନିଜ ଗ୍ରାମ ବିରଜା ହାଇସ୍କୁଲ୍‌ରେ ତାଙ୍କର ପାଠପଢା ଜୀବନ ଆରମ୍ଭ ହୋଇଥିଲା। ତା'ପରେ ସେ ନାମ ଲେଖାଇଥିଲେ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ। ଇତିହାସରେ ହାସଲ କଲେ ସ୍ନାତକ ଡ଼ିଗ୍ରୀ। ଦୀର୍ଘ ୬ ଫୁଟ ଉଚ୍ଚର ସେ ଥିଲେ ବଳିଷ୍ଠ ଯୁବକ। ନିଜର ବିରାଟକାୟ ପୁଷ୍କରିଣୀରେ ୬ କେଜିଆ ଭାକୁରମାଛମାନଙ୍କର ନାକ ଗୁଣାରେ ଖୋସିଥିଲେ ସୁନାର ଫାସିଆ। ସକାଳ, ସନ୍ଧ୍ୟାରେ କରୁଥିଲେ କୁସ୍ତି ଓ ବ୍ୟାୟାମ। ଦୈନିକ ମାରୁଥିଲେ ଶହେଥର ଦଣ୍ଡ ଓ ବୈଠକ। ପହଁରି ପହଁରି ପାର୍ ହେଉଥିଲେ ବୈତରଣୀ ନଦୀ। ବନ୍ୟା, ବାତ୍ୟା ସମୟରେ ଛିଡ଼ା ହେଉଥିଲେ ବିପନ୍ନଙ୍କ ଦୁଆରେ। ମନୁବାଦକୁ ସେ କରିଥିଲେ ପ୍ରତ୍ୟାଖ୍ୟାନ। ରାଜନୀତି କ୍ଷେତ୍ରରେ ସେ ଥିଲେ ସାଲିସ୍‌ବିହୀନ ସମ୍ରାଟ। ନଥିଲା ତାଙ୍କର କ୍ଷମତାର ଲୋଭ। ଏଭଳି ବିରଳ ସ୍ୱଭାବର ବ୍ୟକ୍ତି ଥିଲେ ଅମର ଆତ୍ମା ଅଶୋକ ଦାସ। ଅଦମ୍ୟ ସାହସୀ, ନିର୍ଭୀକ, କବାଡ଼ି, ଫୁଟ୍‌ବଲ, ଭଲିବଲ ପ୍ରଭୃତି ସବୁଥିରେ ଚମ୍ପିଆନ। ଛାତ୍ର ଅବସ୍ଥାରୁ ଆରମ୍ଭ ହୋଇଥିଲା ତାଙ୍କର ରାଜନୈତିକ ଜୀବନ। ୧୯୬୪ କ୍ରାନ୍ତିକାରୀ ଛାତ୍ର ଆନ୍ଦୋଳନରେ ସେ ଥିଲେ ଜ୍ୱଳନ୍ତ ବହ୍ନିଶିଖା। ସେ ନେଇଥିଲେ ଆନ୍ଦୋଳନର ନେତୃତ୍ୱ। ୧୯୬୭ରେ ଯାଜପୁରରେ ଗଢିଥିଲେ ବିରଜା ସେନା। ସେହିବର୍ଷ ସେ ହେଲେ ଯାଜପୁର ପୌର ପରିଷଦର କାଉନ୍‌ସିଲର। ୧୯୭୪ରେ ପ୍ରଗତି ଦଳରେ ପ୍ରାର୍ଥୀଭାବେ କୋରେଇ ବିଧାନସଭା ଆସନରୁ ହେଲେ ନିର୍ବାଚିତ। ବିଧାନସଭାରେ ରାଜ୍ୟପାଳ (ବି.ଡ଼ି. ଜତ୍ତି) ଅଭିଭାଷଣ ଦେଉଥିବା ବେଳେ ସେ ମାଇକ୍ରୋ ଫୋନ୍ ଟାଣି ନେଇ ଖେଳାଇଥିଲେ ଚାଞ୍ଚଲ୍ୟ। ୧୯୭୭ରେ ଜନତା ପାର୍ଟି, ୧୯୮୦ରେ ଲୋକଦଳ, ୧୯୯୦ ଓ ୧୯୯୫ରେ ଜନତା ଦଳ ପ୍ରାର୍ଥୀ ଭାବେ ହେଲେ ସେ ବିଜୟୀ। ୧୯୮୫ରେ କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର ଖୁଣ୍ଟିଆ ଓ ୨୦୦୪ରେ ବିଜେପି ପ୍ରାର୍ଥିନୀ ସଞ୍ଚିତା ମହାନ୍ତିଙ୍କଠାରୁ ସେ ହୋଇଥିଲେ ପରାସ୍ତ। ୧୯୯୧ରେ ସେ ହୋଇଥିଲେ ଜନତା ଦଳର ରାଜ୍ୟ ସଭାପତି। ୧୯୯୬ ମେ' ମାସରୁ ୧୯୯୭ ଡ଼ିସେମ୍ବର ପର୍ଯ୍ୟନ୍ତ ସେ ହେଲେ ବିଧାନସଭାର ବିରୋଧି ଦଳ ନେତା। ୧୯୯୦-୧୯୯୫ରେ ପ୍ରବାଦ-ପୁରୁଷ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଅଶୋକବାବୁଙ୍କୁ ବହୁବାର ଯାଚିଛନ୍ତି ମନ୍ତ୍ରୀପଦ। ମାତ୍ର ସ୍ୱାଭିମାନୀ ଅଶୋକ ପ୍ରତିଥର ଏହାକୁ କରିଥିଲେ ପ୍ରତ୍ୟାଖ୍ୟାନ। କ୍ଷମତା ଲାଗି ନେତାମାନେ ପ୍ରବଳ ମାତ୍ରାରେ ଲାଳାୟିତ ହେଉଥିଲାବେଳେ, ସେ ଥିଲେ ଏହାର ଚରମ ବ୍ୟତିକ୍ରମ। ରାଜନୀତିରେ ସେ ଥିଲେ ସ୍ୱଚ୍ଛ ଓ ସ୍ୱର୍ଦ୍ଧିତ ବ୍ୟକ୍ତି। ସେଥିପାଇଁ ବିଜୁଙ୍କର ତାଙ୍କ ପ୍ରତି ଥିଲା ଅଶେଷ ଶ୍ରଦ୍ଧା ଆଉ ସ୍ନେହାଶୀର୍ବାଦ। କେହି ସ୍ୱୀକାର କରନ୍ତୁ ବା ନ କରନ୍ତୁ, ସ୍ୱାଭିମାନୀ ଅଶୋକ ଦାସ ଥିଲେ ବିଜୁଅଜାଙ୍କର ପ୍ରକୃତ ରାଜନୈତିକ ଦାୟାଦ। କେବଳ ଚେହେରାରେ ନୁହେଁ, ନୀତି, ଆଦର୍ଶ, ଆଚରଣ ଓ ସାହସିକତା ଗୁଣକୁ ଯଦି ବିଚାର କରିବା, ତେବେ ପ୍ରକୃତରେ ଦୁହିଁଙ୍କ ଭିତରେ ଥିଲା ଅସାମାନ୍ୟ ସାମଞ୍ଜସ୍ୟ। ୧୯୯୭ରେ ଘଟିଲା ବିଜୁବାବୁଙ୍କ ଦେହାନ୍ତ। ହତାଶ ହୋଇଗଲେ ପ୍ରଥମେ। ଶିଖିଥିଲେ ବିଜୁ ପଟ୍ଟନାୟକଙ୍କଠାରୁ ଯୁଦ୍ଧର ଧନୁର୍ବିଦ୍ୟା ଶିକ୍ଷା। ଅଟଳ ଦିକ୍ଷାରେ ଭାଙ୍ଗିଗଲା, ଛିନ୍ନ ହୋଇଗଲା ଜନତା ଦଳ, ହତାଶ ହୋଇଗଲେ ଆମ୍ଭଭଳି ଅନେକ ଯୁବନେତା। ସେମାନଙ୍କ ମଧ୍ୟରୁ ଉମା ରଥ, ଦେବୀ ପୃଷ୍ଟି, ପୃଥ୍ୱୀରାଜ ହରିଚନ୍ଦନ, ସମରେନ୍ଦ୍ର ସାହୁ, ସଞ୍ଜିବ ପାଇକରା, ଯୁଗଳ ନାୟକ ପ୍ରମୁଖ ଆହୁରି କିଛି। ହତୋତ୍ସାହିତ ହୋଇ ଶେଷରେ ମଧ୍ୟ କେତେକ ଯୁବନେତା ଦଳବଦଳ କରି ପଳାଇଲେ। ତେବେ ଅଶୋକ ଦାସଙ୍କ ରାଜନୈତିକ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୋ' ଭଳି ଆଉ ଜଣେ କୃଷ୍ଣଚନ୍ଦ୍ର ପାତ୍ର, ରାଜନୈତିକ ସହାୟକ ରାମଚନ୍ଦ୍ର ମହାପାତ୍ର (ରାମ ଭାଇ) (ବୀର ଭାଇ, ପିଅନ) ଏବଂ ବନ୍ଧୁ ଭାଇ ତାଙ୍କର ଚପରାଶି। ତେବେ ଭାଗ୍ୟର ବିଡ଼ମ୍ବନା ପରିଶେଷରେ ଏନ୍.ସି.ପି.ରୁ ମାନସିକ ସ୍ତରରେ ଦୂରେଇଗଲେ।



ତାଙ୍କ ଭଳି ଜଣେ ଯୋଦ୍ଧାଙ୍କୁ ରାଜନୀତିରେ ଆପଣେଇବା ପାଇଁ ଏବଂ ତାଙ୍କୁ ଓଡ଼ିଶା ରାଜନୀତି ମଇଦାନ ଆଗରେ ଠିଆ କରି ଯୁବ ନେତୃତ୍ୱକୁ ଠୁଳ କରିବା ପାଇଁ ଆଶୀର୍ବାଦ ଭିକ୍ଷା କଲେ ସମାଜବାଦୀ ପାର୍ଟିରେ ନୂତନ ଭାବେ ଯୋଗଦେଇଥିବା କୈଳାସ ଚନ୍ଦ୍ର ମିଶ୍ର। ସେ ପୁଣି ଅଶୋକଙ୍କ ଆଗରେ ଯୁବ ମୁଖ୍ୟମନ୍ତ୍ରୀତ୍ୱ ପ୍ରାର୍ଥୀ। ଅବଶ୍ୟ ଏ ପ୍ରସଙ୍ଗରେ ମୁଁ ମଧ୍ୟ ବହୁବାର ଆଲୋଚନା କରିଛି। ତାଙ୍କ ପ୍ରତି ସେ ମଧ୍ୟ ଆହୁରି ସମର୍ଥନ କରି କୁହନ୍ତି ଯେ, କ'ଣ ହେଲା? ସେ ଯଦି ଯୁବ ମୁଖ୍ୟମନ୍ତ୍ରୀ ହୋଇ ଏବଂ ନବୀନ ପଟ୍ଟନାୟକଙ୍କୁ ହଟାଇବା ପାଇଁ ମୁଲାୟମ ସିଂଙ୍କ ପରି ଜାତୀୟସ୍ତରର ନେତା ଘୋଷଣା କରିଛନ୍ତି, ତେବେ ମୋର ସମର୍ଥନ କରିବାରେ କୌଣସି ଅସୁବିଧା ନାହିଁ ଏବଂ ଆମ୍ଭଙ୍କୁ ମଧ୍ୟ ପରୋକ୍ଷରେ ବାରମ୍ବାର କୁହନ୍ତି ଯେ, ତମେ ସବୁ ଜାଣିଛ ଯେ, ମୁଁ ମୁଖ୍ୟମନ୍ତ୍ରୀ ସ୍ୱପ୍ନ କେବେ ଦେଖେନାହିଁ। ଏସବୁ ମୋ' ପାଇଁ ତୁଚ୍ଛ। ତେଣୁ ତୁମେମାନେ କୈଳାସ ମିଶ୍ରଙ୍କୁ ସମର୍ଥନ କର। ତା' ପାଖରେ ମୁଖ୍ୟମନ୍ତ୍ରୀ ହେବାର ସମସ୍ତ କ୍ଷମତା ଅଛି ଏବଂ ମୁଁ ମଧ୍ୟ ଚାହୁଁଥିଲି ଯେ, ମୋ' ପାଇଁ କୈଳାସ ଭଳି ଯୁବନେତା ଦରକାର ଏବଂ ଆଗାମୀ ଦିନରେ ସେ କରିବେ ସରକାର ଓ ଆହୁରି ଅନେକ।

ମୋର ରାଜନୈତିକ ଜୀବନରେ ଅଶୋକ ଦାସ ଥିଲେ ଜଣେ ଜ୍ୱଳନ୍ତ ଦିଗ୍‌ଦର୍ଶୀ ଏବଂ ସଫଳ ଦିଗସ୍ରଷ୍ଟା। ୨୦୦୮ ଡ଼ିସେମ୍ବର ୩୦ ତାରିଖରେ ଆମର ଅମର ଆତ୍ମା ବାହୁଡ଼ିଲେ ସିନା, କିନ୍ତୁ ମୋ' ହୃଦୟ ଭିତରେ ସେ ଅମର ଚଳନ୍ତି ପ୍ରତିମା। ଏହି ସୁଯୋଗ୍ୟ 'ସନ୍ତାନ'ଙ୍କ ପାଇଁ ହଜାର ହଜାର ଶୋକାକୁଳ ପରିବେଶ ମଧ୍ୟରେ ହୋଇଥିଲା ତାଙ୍କର ବିଶାଳ ପଟୁଆରର ଶୋଭାଯାତ୍ରା। ମୁଁ ମଧ୍ୟ ସେଥିରେ ଥାଏ। ଆଜି ଏହି ପୁଣ୍ୟ ତିଥି ମୋ' ପାଇଁ ନିଶ୍ଚିତ ଭାବରେ ଅବିସ୍ମରଣୀୟ। ବିରଜାଙ୍କ କ୍ଷେତ୍ରରେ ଅନ୍ତିମ ଦର୍ଶନର ୧୧ତମ ବାର୍ଷିକ ଶ୍ରାଦ୍ଧ ଦିବସରେ ଆପଣଙ୍କୁ ସ୍ମରଣ କରୁଛି।

**ପ୍ରଦୀପ ସେନାପତି,**
**ପୂର୍ବତନ ରାଜ୍ୟ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ, ପୂର୍ବତନ ରାଜ୍ୟ ସଭାପତି, ଯୁବ ଜନତା ଦଳ (ଏସ୍), ରାଜ୍ୟ ସଭାପତି ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଉତ୍କଳ ବିକାଶ ମଞ୍ଚ, ଜାତୀୟ ସମାଜବାଦୀ ବିଚାର ମଞ୍ଚ, ପୁରୁଣା ଭୁବନେଶ୍ୱର ଯୁବ ସଂଗଠନ, ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀ ସଂଘ ସାମ୍ବାଦିକ ତଥା ଆନ୍ତର୍ଜାତୀୟସ୍ତରର ସ୍ତମ୍ଭକାର, ମୋ: ୯୪୩୮୪୪୬୫୭୫**
**E-mail : spkumar50@gmail.com**

# ଜୀବନଚକ୍ରର ଶେଷ ଅବସ୍ଥା: ବୃଦ୍ଧାବସ୍ଥା



ଦିନେ ପାର୍କରେ ବୁଲୁ ବୁଲୁ ଦେଖିଲି କେତେଜଣ ବୟସ୍କ ଲୋକ ଗୋଟିଏ ଜାଗାରେ ଏକାଠି ବସି କଥାବାର୍ତ୍ତା କରୁଛନ୍ତି। କିଏ ମଜା ଗପ କହୁଛି ତ କିଏ ଆଧ୍ୟାତ୍ମିକ କଥା କହୁଛି। ଅନେକେ ସେମାନଙ୍କ ନିଜ ନିଜ ସମସ୍ୟା କଥା କହୁଛନ୍ତି। ମତେ ଟିକେ ବୟସ୍କ ଲୋକଙ୍କ କଥା ଶୁଣିବାକୁ ଭଲ ଲାଗେ। ମୁଁ ସେମାନଙ୍କ ପାଖରେ ବସିପଡ଼ିଲି। ଏହି ସମୟରେ ଆଉ ଜଣେ ଦୁଇଜଣ ଲୋକ ଗରମ ଗରମ ସିଙ୍ଗଡା, ବରା ଧରି ପହଞ୍ଚିଗଲେ ଓ ସମସ୍ତଙ୍କ ହାତକୁ ଗୋଟିଏ ବରା ଓ ଗୋଟିଏ ସିଙ୍ଗଡ଼ା ବଢ଼ାଇଦେଲେ। ମତେ ବି ଦୁଇଟା ବରା ଦେଲେ। ଗପଟା ଆହୁରି ଜମିଗଲା। ଜଣେ କହିଲେ ଓଃ ଘରେ ଏଗୁଡ଼ାକ ମିଳୁନି। କିଏ କହୁଛି ଦେହ ଖରାପ ହେବ, କିଏ କହୁଛି ପେଟ ଖରାପ ହେବ। ଖାଲି ଚୁଡ଼ା, ଛତୁଆ, ବୁଟ ଓ କଦଳୀ ଖାଇବାକୁ ମିଳୁଛି। ଏତିକିବେଳେ ରାମବାବୁ, ହରିବାବୁଙ୍କୁ ପଚାରିଲେ ଆଉ ତୁମ ଖବର କ'ଣ? ରିଟାୟାର୍ଡ଼ ପରେ କିପରି ଅଛନ୍ତି? ହରିବାବୁ କହିଲେ କେମିତି ଆଉ ଅଛି? ଅଫିସ୍ ବନ୍ଦ ପରେ ସମୟ କଟୁନି। କେତେ ଆଉ ଘରେ ବସିବି? ପଇସା ବି କମିଗଲା, ଖର୍ଚ୍ଚ ଜଗି ରଖି କରିବାକୁ ପଡୁଛି। ମୋ' ସ୍ତ୍ରୀ ଖାଲି ଚିଡ଼ିଚିଡ଼ି ହେଉଛି। ପିଲାଗୁଡ଼ାକ କିଛି କରୁନାହାନ୍ତି। ଝିଅଟା ବାହା ହୋଇନି। ପିଲାମାନେ ବାହାରକୁ ଗଲେ ଛାନିଆ ହେଉଛି। ବାରମ୍ବାର ଫୋନ କରି ସେମାନେ କେଉଁଠି ଅଛନ୍ତି ବୋଲି ପଚାରୁଛି। ପିଲାମାନେ ବି ଚିଡ଼ିଗଲେଣି। ଏସବୁ ଚିନ୍ତା କରିକରି ରାତିରେ ନିଦ ହେଉନି। ମନ ଭଲ ଲାଗୁନି। ବିଶେଷ କିଛି କାମ କରିବାକୁ ମନ ହେଉନି। ମାନ୍ଦା ମାନ୍ଦା ଲାଗୁଛି। ମୁଣ୍ଡଟା ଓଜନିଆ ଲାଗୁଛି। କିଛି ଭଲ ଲାଗୁନି। ହରିବାବୁ ରାମବାବୁଙ୍କୁ ପଚାରିଲେ ଆପଣଙ୍କ ଖବର କ'ଣ? କେମିତି ଅଛନ୍ତି? ରାମବାବୁ କହିଲେ ତୁମର ତ ସମସ୍ତେ ପାଖରେ ଥାଇ ତୁମକୁ ଭଲ ଲାଗୁନି। ଆମେ ତ ବୁଢ଼ାବୁଢ଼ୀ ଦୁଇଜଣ। ବଡ଼ପୁଅ ଦିଲ୍ଲୀରେ। ସାନପୁଅ ଆମେରିକାରେ ଆଉ ଝିଅ ବାଙ୍ଗାଲୋରରେ। ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ। ବାପା, ମା'ଙ୍କ କଥା ପଚାରେ କିଏ? କାହାକୁ ସମୟ ନାହିଁ ତ କାହା ପାଖରେ ଟଙ୍କା କମ୍ ଅଛି। ବାପା, ମାଙ୍କୁ ଦେବାକୁ ଅଣ୍ଟୁନି। ତୁମେ ତ ଜାଣିଛ ବୟସ ହୋଇଗଲେ କାହାକୁ ବ୍ଲଡ଼ପ୍ରେସର, କାହାକୁ ଡାଇବେଟିସ୍, କାହାର ହାର୍ଟ ପ୍ରୋବଲେମ୍। ଏସବୁଥିରୁ ଆମେ ଦୁଇଜଣ ବାଦ ଯିବୁ କିପରି? ଦୁଇଜଣଙ୍କର ଔଷଧ ଖର୍ଚ୍ଚ ମାସକୁ ଚାରି ପାଞ୍ଚ ହଜାରରୁ କମ୍ ନୁହେଁ। ଆଉ ଚା'ପାନ ଖର୍ଚ୍ଚ କଥା ତୁମେ ଜାଣ। ସବୁ ତ କିଣୁଛୁ। ପେନ୍‌ସନ ପଇସାରେ କ'ଣ ଚଳି ହେଉଛି? ତେଣେ ମୋ' ସ୍ତ୍ରୀର ଆଣ୍ଠୁଗଣ୍ଠି ବାତ ଯେ ସବୁଦିନ ରୋଗୀ। ପିଲାଙ୍କ ପାଖକୁ ଯାଇପାରୁନୁ। ପିଲାମାନେ ଆସୁନାହାନ୍ତି। ମଝିରେ ମଝିରେ ଫୋନ୍ କରି ଆମ ସମସ୍ୟା ଶୁଣିବା ପୂର୍ବରୁ ତାଙ୍କ ସମସ୍ୟା କହି ଚାଲୁଛନ୍ତି। ବୁଢ଼ୀ ବିଚାରୀ ସବୁ ଶୁଣି ମନଦୁଃଖ କରୁଛି। କାନ୍ଦୁଛି। ନିଜେ ନିଜ କାମ କିଛି କରିବାକୁ ଇଚ୍ଛା କରୁନି। ଯାହା ନେଲେ ଠିକ୍ ଭାବେ ଖାଉନି। କହୁଛି କିଛି ସ୍ୱାଦ କେଉଁଥିରେ ନାହିଁ। ସବୁବେଳେ କହୁଛି ମୋ ମୁଣ୍ଡ ବିନ୍ଧୁଛି, ଗୋଡ ବିନ୍ଧୁଛି। ଆଜିକାଲି ତା'ର ସ୍ମରଣଶକ୍ତି କମିଗଲାଣି। କେଉଁଠି ଚାବି ଓ ଟଙ୍କା ରଖୁଛି ଭୁଲିଯାଉଛି। ସେତେବେଳେ ମୋର ବରାଖିଆ ସରି ମୁଁ ଦୁଇ ମଉସାଙ୍କ କଥାକୁ ଧ୍ୟାନ ଦେଇ ଶୁଣୁଥିଲି। ମୁଁ ସେମାନଙ୍କୁ କହିଲି, ମଉସା ଏପରି ଲକ୍ଷଣ ପ୍ରାୟତଃ ପରିବେଶ ଓ ପରିସ୍ଥିତିରେ ପଡ଼ି ଲୋକମାନେ ଏମିତି ଅନୁଭବ କରନ୍ତି। ଏଥିପାଇଁ ଏବେ ଅନେକ ପ୍ରକାର ଔଷଧ ବାହାରିଲାଣି। ବୟସ ହେଲେ ମାନସିକ ଚାପ ଟିକେ ଅଧିକ ପଡ଼େ। ବିଭିନ୍ନ ପ୍ରକାର ମାନସିକ ସମସ୍ୟା ବାହାରେ। ମଉସା ପୁଣି ପଚାରିଲେ, ତେବେ କହିଲ ବୃଦ୍ଧାବସ୍ଥା କ'ଣ? କେଉଁସବୁ ମାନସିକ ସମସ୍ୟା ଦେଖାଯାଏ? କାରଣ କ'ଣ? ଏହାର ଚିକିତ୍ସା ଅଛି? **ବୃଦ୍ଧାବସ୍ଥା କ'ଣ?:** ମଣିଷ ଯେତେବେଳେ ତାର ଜୀବନର ହାରାହାରି ବୟସକୁ ଅତିକ୍ରମ କରିଥାଏ ବା ଜୀବନଚକ୍ରର ଶେଷ ଅବସ୍ଥାରେ ପହଞ୍ଚିଥାଏ, ତାହାକୁ ବୃଦ୍ଧାବସ୍ଥା କୁହାଯାଏ। ମଧ୍ୟବୟସ୍କ ଲୋକଟି କେତେବେଳେ ବୃଦ୍ଧ ହେଲା, ତାହା ସବୁ ସମାଜରେ ସମାନ ନୁହେଁ। କେତେକ ସମାଜରେ ଲୋକଟି ନିଜ କାର୍ଯ୍ୟରୁ ଅବସର ନେଲେ, ଆଉ କେତେକ ସମାଜରେ ନାତିନାତୁଣୀ ଜନ୍ମ ହେଲେ ବୃଦ୍ଧ ବୋଲି ଧରାଯାଏ। ଅଟୋ ଭନ୍ ବିସ୍‌ମାର୍କ ପ୍ରଥମେ ସାମାଜିକ ସୁରକ୍ଷା ପାଇଁ ୬୦ବର୍ଷ ବୟସ୍କଙ୍କୁ ଅବସର ନେବାର ସମୟ ବୋଲି ଘୋଷଣା କରିଥିଲେ। ପାରମ୍ପରିକ ଭାବେ ପ୍ରାୟ ସବୁ ସମାଜରେ ଏହାକୁ ଗ୍ରହଣ କରାଯାଏ। ମାନସିକ ଦୃଷ୍ଟିକୋଣରୁ ବୃଦ୍ଧାବସ୍ଥା : ଏରିକ୍ ଏରିକ୍‌ସନଙ୍କ ଅନୁସାରେ ମଣିଷ ଜୀବନର ୮ଟି ପର୍ଯ୍ୟାୟରୁ ବୃଦ୍ଧାବସ୍ଥା ହେଉଛି ଶେଷ ସମୟ। ଯାହା ମଣିଷଟିକୁ ସଂପୂର୍ଣ୍ଣ କରେ। ଏହି ସମୟରେ ଲୋକଟି ନିଜ ଜୀବନକୁ ବିଶ୍ଳେଷଣ କରେ। ଯିଏ ନିଜ ଜୀବନକୁ ସଫଳତା ପ୍ରାପ୍ତି ଭାବେ ସେ ଗର୍ବିତ ଅନୁଭବ କରେ। ଅନ୍ୟମାନେ ଅସାଫଲ୍ୟ ଭାବି ପରିତ୍ୟକ୍ତ ଅନୁଭବ କରନ୍ତି। **ମାନସିକ ସମସ୍ୟା: ମାନସିକ ବିଷାଦ:** ଏହା ମୁଖ୍ୟ ସମସ୍ୟା ଅଟେ। ଏଥିରେ ଲୋକଟିର ମନ ଦୁଃଖ ରହେ, ନିଦ ଓ ଭୋକ ରୁହେ ନାହିଁ। ନିଜ ଶରୀର ବିଷୟରେ ଅତ୍ୟଧିକ ଚିନ୍ତା କରେ ଓ ଆତ୍ମହତ୍ୟାର ଭାବନା ମଧ୍ୟ ଆସିପାରେ। ବେଳେବେଳେ ମନଦୁଃଖ ଅଛି ବୋଲି ବୃଦ୍ଧାବସ୍ଥାରେ ଲୋକମାନେ ମାନନ୍ତି ନାହିଁ, ମାତ୍ର ନାନା ଶାରୀରିକ ରୋଗ ହୋଇଛି ବୋଲି କୁହନ୍ତି। **ଅତ୍ୟଧିକ ଛାନିଆ ହେବା:** ଏହା ପ୍ରାୟତଃ ମାନସିକ ବିଷାଦ ସହିତ ଦେଖାଦେଇଥାଏ। ପିଲାମାନଙ୍କର ଭବିଷ୍ୟତ ବିଷୟରେ, ଆର୍ଥିକ ସମସ୍ୟା ବିଷୟରେ ଭାବି ଭାବି ଛାନିଆ ହୁଅନ୍ତି। **ସିଜୋଫ୍ରେନିଆ:** ଏଥିରେ ଲୋକଟି ସନ୍ଦେହ କରେ ଯେ, ତା ବିରୋଧରେ ସମସ୍ତେ ଷଡ଼ଯନ୍ତ୍ର କରୁଛନ୍ତି, କଥା ହେଉଛନ୍ତି ଓ ଶୂନ୍ୟବାଣୀ ହେବାପରି ଲାଗେ। ମାନସିକ ସମସ୍ୟା ଓ ପାରିବାରିକ ଚାପ ରୋଗଟିକୁ ବଢ଼ାଇ ଦିଏ। **ସ୍ମରଣଶକ୍ତି ହ୍ରାସ:** ଲୋକଟିର ମନେ ରହେ ନାହିଁ। ନିଜ ଜିନିଷ କେଉଁଠି ରଖିଛନ୍ତି ଭୁଲିଯାଇ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ଶେଷରେ ସମସ୍ତ ଜାଣିପାରନ୍ତି ନାହିଁ ଓ ଅନ୍ୟମାନଙ୍କୁ ମଧ୍ୟ ଚିହ୍ନିପାରନ୍ତି ନାହିଁ। **କାରଣ:** ବିଭିନ୍ନ କାରଣରୁ ବୃଦ୍ଧାବସ୍ଥାରେ ମାନସିକ ଚାପ ଅଧିକ ପଡ଼ିଥାଏ। ଉଦାହରଣ ସ୍ୱରୂପ ଚାକିରିରୁ ଅବସର, ଅର୍ଥହ୍ରାସ, ସମାଜରେ ନିଜର ସ୍ଥିତି ହରାଇବା, ଶାରୀରିକ ରୋଗ ଇତ୍ୟାଦି। ନିଜର ସ୍ୱାମୀ ବା ସ୍ତ୍ରୀକୁ ହରାଇଲେ ଲୋକଟି ଅଧିକ ଭାରାକ୍ରାନ୍ତ ହୋଇଯାଏ। **ଚିକିତ୍ସା:** ବିଭିନ୍ନ ପ୍ରକାର ମାନସିକ ସମସ୍ୟାର ଚିକିତ୍ସା, ରୋଗ ଉପରେ ନିର୍ଭର କରେ। ଯେଉଁ ରୋଗ ହୋଇଥିବ ସେହି ଅନୁସାରେ ଔଷଧ ଓ ମନସ୍ତାତ୍ତ୍ୱିକ ଚିକିତ୍ସାର ସାହାଯ୍ୟ ନିଆଯାଏ। ଦରକାର ପଡ଼ିଲେ ପାରିବାରିକ ଓ ସାମୂହିକ ଚିକିତ୍ସାର ସାହାଯ୍ୟ ମଧ୍ୟ ନିଆଯାଏ। **ନିଜେ ନିଜର ସାହାଯ୍ୟ କରନ୍ତୁ:** ନିୟମିତ ଶାରୀରିକ ପରିଶ୍ରମ କରନ୍ତୁ। ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରନ୍ତୁ। ପ୍ରତିଦିନ ଯଥେଷ୍ଟ ପରିମାଣରେ (୭ରୁ ୯ଘଣ୍ଟା) ଶୁଅନ୍ତୁ। ଯେଉଁ କାର୍ଯ୍ୟରେ ସୁଖ ଅନୁଭବ କରୁଛନ୍ତି, ସେଥିରେ ନିଜକୁ ନିୟୋଜିତ କରନ୍ତୁ। ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତୁ। ନୂଆ କିଛି ଶିଖିବାକୁ ଚେଷ୍ଟା କରନ୍ତୁ। ଉଦାହରଣସ୍ୱରୂପ ଗୀତ, ବାଦ୍ୟଯନ୍ତ୍ର, କମ୍ପ୍ୟୁଟର ଇତ୍ୟାଦି। ନିଜକୁ ସବୁବେଳେ ଖୁସି ରଖିବାକୁ ଚେଷ୍ଟା କରନ୍ତୁ। **ସମାଜର ଦାୟିତ୍ୱ:** ନିଜ ପରିବାରରେ ତଥା ସମାଜରେ ଥିବା ବୃଦ୍ଧଲୋକଙ୍କୁ ସମ୍ମାନ ଦିଅନ୍ତୁ। ସେମାନଙ୍କୁ ସମୟ ଦିଅନ୍ତୁ। ଉଦାହରଣ ସ୍ୱରୂପ ନିଜ ସହିତ ମାର୍କେଟ, ସିନେମା ଆଦି ନିଅନ୍ତୁ। ସ୍ୱାସ୍ଥ୍ୟକର ଖାଦ୍ୟ ଦିଅନ୍ତୁ। ଶାରୀରିକ ରୋଗ ହେଲେ, ଯେପରି ଠିକ୍ ସମୟରେ ଚିକିତ୍ସିତ ହେବେ ତାହାର ଦାୟିତ୍ୱ ନିଅନ୍ତୁ।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼୍, କଟକ, ଦୂରଭାଷ: ୯୧୩୨୪୩୩୩୩୩

# ଭାରତୀୟ କଳା ସଂସ୍କୃତି ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦିଏ




ଭୁବନେଶ୍ୱର (ପିଏନ୍): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସାଂସ୍କୃତିକ ଗତିବିଧି, ରାଷ୍ଟ୍ରୀୟ କଳା ମଂଚ ଓଡିଶା ପକ୍ଷରୁ ଭାରତୀୟ ସଂସ୍କୃତି ଓ ପରମ୍ପରାର ଅନନ୍ୟ କାର୍ଯ୍ୟକ୍ରମ ପ୍ରତିଭା ସଙ୍ଗମର ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।। ନୃତ୍ୟ, ସଙ୍ଗୀତ ଆଦି ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଅଭିନୟରେ ରୁଚି ରଖୁଥିବା ବିଦ୍ୟାର୍ଥୀମାନଙ୍କୁ ସୁନାମଧନ୍ୟ ପ୍ରଶିକ୍ଷକମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଛି। ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର, ପ୍ରେମ୍ ଆନନ୍ଦ, ଗୁଡୁଲି ରଥ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ମାର୍ଗଦର୍ଶନ କରିବା ସହ ଓଡିଆ ଚଳଚ୍ଚିତ୍ରର ବିଭିନ୍ନ ମନଛୁଆଁ ଗୀତ ଗାଇ ଛାତ୍ରଛାତ୍ରୀମାନଙ୍କ ମନୋରଜଂନ କରିଥିଲେ। କବିତା ଆବୃତିରେ ବରିଷ୍ଠ କବି ଡ. ଶୁଭ କୁମାର ଦାସ, ଅମିୟ ମହାପାତ୍ର ଏବଂ ବ୍ୟଙ୍ଗକବି ଜ୍ଞାନ ହୋତା ପ୍ରମୁଖ ଉପସ୍ଥିତ ରହି ଉଦୀୟମାନ୍ କବି, କବୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ମୃତ୍ୟୁଜଂୟ ପଣ୍ଡା, ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଡ. ଶ୍ରୀନିବାସ ଘଟୁଆରୀ ଏବଂ ବିଶିଷ୍ଟ ନୃତ୍ୟଶିଳ୍ପୀ ଜୟା ବିଶ୍ୱାସ ଉପସ୍ଥିତ ଥିଲେ। ୨୬, ୨୭ ଏବଂ ୨୮ ତିନି ଦିନ ଧରି ହୋଇଥିବା ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ଗୋପାଳନ ବିଭାଗ ରାଜ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ସଂସ୍କୃତରେ ଅଭିଭାଷଣ ରଖିବା ସହ କଳାକାର ବିଦ୍ୟାର୍ଥୀମାନଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱଦରବାରରେ କଳା ମାଧ୍ୟମରେ ପହଚଂଇବାକୁ ଆହ୍ୱାନ ଦେଇଥିଲେ। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଥିବା ସମାରୋପ ସତ୍ରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସତ୍ରରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରିହର ହୋତା ଯୋଗଦେଇଥିବା ରାଷ୍ଟ୍ରୀୟ କଳାମଂଚ, ଓଡିଶା ରାଜ୍ୟ ସହ-ସଂଯୋଜିକା ସୁଶ୍ରୀ ଲିନା ନନ୍ଦିତା ପରିଡା ସୂଚନା ଦେଇଥିଲେ।

# ସିଏଏ ସପକ୍ଷରେ ସ୍ୱର ଉଠାଇଲା ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚ

ଭୁବନେଶ୍ୱର (ପିଏନ୍): ନାଗରିକ ସଂଶୋଧନ ଆଇନ୍ ୨୦୧୯ ନେଇ ଚାରିଆଡ଼େ ଯେଉଁ ହୋହାଲ୍ଲାର ବାତାବରଣ ସୃଷ୍ଟି ହୋଇଛି ସେଥିରେ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସମାଜସେବୀ ସଂଗଠନ 'ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ' ନିଜ ମତ ସ୍ପଷ୍ଟ ଭାବରେ ରଖିବା ସହ ଏ ବିଷୟ ନେଇ ଆଗାମୀ ଦିନରେ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବା ପାଇଁ ଏକ ନୀଳ ନକ୍ସା ପ୍ରସ୍ତୁତ କରିଛି। ସଂଗଠନର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଆଇଆରସି ଭିଲେଜ କାର୍ଯ୍ୟାଳୟରେ ବୈଠକ ହୋଇ ଏଥିନିମନ୍ତେ ବିଧିବଦ୍ଧ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ବୈଠକରେ ପୌରୋହିତ୍ୟ କରି ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସଭାପତି ଇଂ. ନନ୍ଦନନ୍ଦନ ଦାସ ଏହି ଆଇନ୍ ସଂଶୋଧନର ପ୍ରାସଙ୍ଗିକତା ଏବଂ ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଦେଶର ସମ୍ମାନନୀୟ ଗୃହମନ୍ତ୍ରୀ ଅମିତ ଶାହ ଏହି ଆଇନ୍ ସଂଶୋଧନ କରିବା ପାଇଁ ଏବଂ ଏହାକୁ କଡ଼ାକଡ଼ି ଭାବରେ ଲାଗୁ କରିବା ପାଇଁ ସତ୍‌ସାହସ ଦେଖାଇଥିବାରୁ ସଂଗଠନ ପକ୍ଷରୁ ତାଙ୍କୁ ସାଧୁବାଦ ଜଣାଇଥିଲେ। କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ସମାଜରେ ଏଇ ନୂତନ ସଂଶୋଧିତ ଆଇନ୍ ନେଇ ଯେଉଁ ଗୁଜବ ଅପପ୍ରଚାର ଅଭିଯାନ ଆରମ୍ଭ ହୋଇଛି ତା'ର ସେ ତୀବ୍ର ନିନ୍ଦା କରିଛନ୍ତି। ଏହି ଆଇନ୍ କୁ ନେଇ କୌଣସି ଭାରତୀୟ ମୁସଲମାନ ଆଦୌ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। କଠୋର ଧାର୍ମିକ ଉନ୍ମାଦନାରେ ଭାରତରୁ ବିଚ୍ଛିନ୍ନ ହୋଇଥିବା ପାକିସ୍ତାନ ଏବଂ ବାଲାଂଦେଶରେ ସଂଖ୍ୟାଲଘୁମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାର ପରେ ଜୀବନ ବଞ୍ଚାଇବା ପାଇଁ ଚାଲି ଆସିଥିବା ଶରଣାର୍ଥୀଙ୍କ ପାଇଁ ସ୍ଥାୟୀ ନାଗରିକତାର ସୁବିଧା ଯୋଗାଇ ଦିଆଯାଇଥିବାରୁ ସେ ଭାରତ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏଭଳି ଏକ ଐତିହାସିକ ଆଇନ୍ ସଂଶୋଧନ କାର୍ଯ୍ୟକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଏହି ଅରାଷ୍ଟ୍ରବାଦୀ ଅପପ୍ରଚାର ଗୋଷ୍ଠୀଙ୍କୁ ପ୍ରତିହତ କରିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କଟିବଦ୍ଧ ହେବାକୁ ସେ କହିଥିଲେ। ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସଂଗଠନ ସରକାରଙ୍କ ସହ ଦୃଢତାର ସହ ଛିଡ଼ା ହୋଇଛି ଏବଂ ରାଷ୍ଟ୍ରବିରୋଧୀ ବ୍ୟକ୍ତିତ୍ୱମାନଙ୍କୁ ପ୍ରତିହତ କରିବା ପାଇଁ ବଦ୍ଧପରିକର ବୋଲି ମତ ଦେଇଥିଲେ। ଗତ ୨୮ ତାରିଖ ଡ଼ିସେମ୍ବର ଶନିବାର ଦିନ ଭୁବନେଶ୍ୱର ରେଡ଼କ୍ରସ ଭବନରେ ଆୟୋଜିତ ହୋଇଥିବ ମଞ୍ଚର ବାର୍ଷିକ ସାଧାରଣ ବୈଠକରେ ସମସ୍ତ ଜିଲ୍ଲା ସଂଗଠକମାନଙ୍କୁ ନିଜ ନିଜ ଜିଲ୍ଲାରେ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଥିବା ସେ ସୂଚନା ଦେଇଥିଲେ। ମଞ୍ଚର ସାଧାରଣ ସମ୍ପାଦକ ଇଂ. ଜଗବନ୍ଧୁ ଷଡ଼ଙ୍ଗୀ ଏହି ବହୁ ପ୍ରତିକ୍ଷୀତ ନାଗରିକ ସଂଶୋଧନ ଆଇନ୍‌କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମର୍ଥନ କରିଥିବାରୁ ତାଙ୍କୁ ସଂଗଠନ ପକ୍ଷରୁ ଧନ୍ୟବାଦ ଜଣାଇବା ସହ ରାଷ୍ଟ୍ରୀୟ ହିତ ପାଇଁ ଏନ୍ଆରସି ଆଇନ୍ ଲାଗୁ କରିବାରେ ଅନୁରୂପ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ରାଷ୍ଟ୍ରୀୟ ହିତ ପାଇଁ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ସର୍ବଦା ତତ୍ପରତାର ସହ ସରକାରଙ୍କ ସହ କାମ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ମଞ୍ଚର ଅନ୍ୟତମ ସଦସ୍ୟ ଅମୀର ପ୍ରସାଦ ସାହୁ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲାଜଜ୍ ଉମାଚରଣ ମିଶ୍ର, ଲାୟନ କ୍ଷୀତିଶ ପାଲଟାସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧିରେ ଯୋଗ, ଧ୍ୟାନର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର (ପିଏନ୍)-ଏନ୍ଆଇଏଟି କମ୍ପ୍ୟୁଟର ଏଜୁକେସନର ପ୍ରତିଷ୍ଠା ଦିବସ ଶୈଳଶ୍ରୀବିହାର ସ୍ଥିତ ମହର୍ଷି ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏକବିଂଶ ଦଶନ୍ଧିରୁ ଆରମ୍ଭ ହୋଇଥିବା ଏହି ସଂସ୍ଥା ଅନେକ ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି କୃତିତ୍ୱର ସହିତ ଉନ୍ନତି କରିଛି। ସମାଜର ବିଭିନ୍ନ ସାମାଜିକ ସ୍ରୋତରେ ସାମିଲ ହୋଇ ସଚେତନତା ସୃଷ୍ଟି କରିଛି। ସେ ମଧ୍ୟରେ ଶିକ୍ଷା, ସଂସ୍କୃତି, ଗମନାଗମନ, ବୃକ୍ଷରୋପଣ ଓ କଳାକୁ ବିଶେଷକରି ପ୍ରାଧାନ୍ୟ ଦେଇଆସିଛି। ଦକ୍ଷତା ବିକାଶ କ୍ଷେତ୍ରରେ ଏହି ଅନୁଷ୍ଠାନ ଓଡ଼ିଶାର ଅଗ୍ରଣୀ ଭୂମିକା ନେଇ କୋଣଅନୁକୋଣରେ ଦକ୍ଷତା ବିକାଶ କରିବା ସହିତ ଅନେକ ଛାତ୍ରଛାତ୍ରୀଙ୍କୁ ରୋଜଗାରର ପନ୍ଥା ଦେଇଛି। ପ୍ରତିବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଚଳିତବର୍ଷ ଏକ ନିଆରା ପରମ୍ପରାକୁ ଆପଣାଇ ନେଇ ଧାର୍ମିକ ଭାବନା, ଚେତନାକୁ ଉଦ୍ଦିମନ୍ତ କରିବା ପାଇଁ ଆଧ୍ୟାତ୍ମିକ ଜ୍ଞାନଯଜ୍ଞ ଆୟୋଜନ କରିଛି। ଅନୁଷ୍ଠାନର ନିର୍ଦ୍ଦେଶକ ଦେବାଶିଷ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ କଳ୍ପତରୁ ଆଶ୍ରମ ଭୁବନେଶ୍ୱରର ଅଧ୍ୟକ୍ଷ ନିଗମ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରି କହିଛନ୍ତି, ଶିକ୍ଷାର୍ଥୀମାନଙ୍କର ମାନସିକ ଦକ୍ଷତା ଉପରେ ଧର୍ମର ପ୍ରଭାବ ପଡ଼ିଥାଏ। ଜଣେ ଶାନ୍ତ, ସରଳ, ସାବଲୀଳ ହେବା ପାଇଁ ଯୋଗ, ଧ୍ୟାନ ଅତ୍ୟନ୍ତ ସାହାଯ୍ୟ କରିଥାଏ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ଏନ୍.ଆଇ.ଟି. ସିଲଂର ରେଜିଷ୍ଟ୍ରାର ବିଜୟାନନ୍ଦ ଚୌଧୁରୀ ଯୋଗଦେଇ କହିଲେ, ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ସହିତ ସବୁଦିନ କିଛି ସମୟ ଯୋଗ, ଧ୍ୟାନ କରିବା ଆବଶ୍ୟକ। ଯାହାଦ୍ୱାରା ସେମାନଙ୍କ ମାନସିକ ବିକାଶ ଉପରେ ଭଲ ପ୍ରଭାବ ପଡ଼ିଥାଏ। ଧର୍ମୀୟ ଭାବନା ଧୀରେ ଧୀରେ କମିଯାଉଥିବା ବେଳେ ଶ୍ରୀ ପରିଡ଼ାଙ୍କ ଏଭଳି କାର୍ଯ୍ୟକ୍ରମ ନିଶ୍ଚିତ ପ୍ରଭାବ ପକାଇବ ବୋଲି ଶ୍ରୀ ଚୌଧୁରୀ କହିଥିଲେ। ସମ୍ମାନୀୟ ଅତିଥି ଭାବେ ନାଇଲେଟ୍‌ର ଉପନିର୍ଦ୍ଦେଶକ ଉମାକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରବଚକ ଅଧ୍ୟାପକ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବିଦ୍ୱାନମଣ୍ଡଳୀ, ସାଧୁସନ୍ଥ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ଜ୍ଞାନଯଜ୍ଞରେ ପ୍ରବଚନ ସହିତ ସାଧୁ ସମ୍ମିଳନୀ ଓ ୧୦୮ ହନୁମାନ ଚାଳିଶା ପାଠ କରାଯିବ।




### ସ୍ପୋର୍ଟ୍ସ ଟେକ୍ –୨୦୧୯ ଉଦ୍‌ଯାପିତ

# ବର୍ଣ୍ଣିଂ ଷ୍ଟାର ଚମ୍ପିଆନ, ଥଣ୍ଡରବୋଲ୍ଟସ୍ ରନର୍ସ ଅପ



ପାରଳାଖେମୁଣ୍ଡି((ପିଏନ)- କ୍ରୀଡ଼ା ମାନବର ଜୀବନଶୈଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ମନକୁ ସୁସ୍ଥ ରଖିବା ସହ ମାନସିକ ଶାନ୍ତି ପ୍ରଦାନ କରେ। ଏହି ପରିପ୍ରେକ୍ଷୀରେ କ୍ରୀଡ଼ାର ଗୁରୁତ୍ୱକୁ ସମସ୍ତେ ସହଜରେ ଉପଲବ୍ଧି କରିପାରନ୍ତି। ଏହି ପରିପ୍ରେକ୍ଷୀରେ ସେଂଚୁରିଆନ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ ଟେକ୍ – ୨୦୧୯ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲର ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଥଣ୍ଡରବୋଲ୍ଟସ ୮୪ ରନର ଟାର୍ଗେଟ ଦେଇଥିବା ବେଳେ ବର୍ଣ୍ଣିଂ ଷ୍ଟାର ଏହି ମ୍ୟାଚକୁ ଜିତି ନେଇଥିଲା। ମ୍ୟାନ ଅଫ ଦ ମ୍ୟାଚ ଯୁବରାଜ ସେଠୀ ହୋଇଥିବାବେଳେ ଶ୍ରେଷ୍ଠ ବୋଲର ଦିଲ୍ଲୀପ ସାହୁକାର , ଶ୍ରେଷ୍ଠ ଫିଲଡ଼ର ସୌମ୍ୟରଂଜନ ଦତ୍ତ ହୋଇଥିଲେ। ତୋଫାନ ନାୟକ ଓ ଗୋବିନ୍ଦ ରାଓ ଇଟରାଜୁ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ଅବିଭକ୍ତ କଟକ ଜିଲ୍ଲା ବୁଣାକାର ସଂଘ ପକ୍ଷରୁ ସାଂଗଠନିକ ବୈଠକ ଓ ବନ୍ଧୁ ମିଳନ



ଚଣ୍ଡିଖୋଲ, ୨୮/୧୨(ପି.ଏନ)- ଅବିଭକ୍ତ କଟକ ଜିଲ୍ଲା ବୁଣାକାର ସଂଘ ପକ୍ଷରୁ ଏକ ସାଂଗଠନିକ ବୈଠକ ଓ ବନ୍ଧୁ ମିଳନ ଚଣ୍ଡିଖୋଲସ୍ଥିତ ସରକାରୀ ଡାକବଙ୍ଗଳା ଠାରେ ଶ୍ରୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ ଓ କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର ଜିଲ୍ଲାରୁ ଶତାଧିକ ବୁଣାକାର ବନ୍ଧୁ ମାନେ ଯୋଗ ଦେଇଥିଲେ। ସଂଗଠନକୁ ସୁଦୃଢ କରିବା ପାଇଁ ଓ ଗତ ଫନି ବାତ୍ୟାରେ କ୍ଷତି ହୋଇଥିବା ବୁଣାକାର ମାନଙ୍କ ସରକାରୀ ସହାୟତା ମିଳି ନଥିବାରୁ ସମସ୍ତ ସଭ୍ୟ ମାନେ ଆଲୋଚନା କରିଥିଲେ। ଫନି ବାତ୍ୟା ହେବାର ୭ ମାସ ବିତି ଯାଇଥିଲେ ମଧ ତୁରନ୍ତ ସହାୟତା ଦେବାପାଇଁ ବିଭାଗୀୟ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷନ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା। ଅବିଭକ୍ତ କଟକ ଜିଲ୍ଲା କେନ୍ଦ୍ରପଡା, ଯାଜପୁର , ଜଗତସିଂପୁର ଜିଲ୍ଲାରୁ ୧୭ ଜଣ ବୁଣାକାରଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଗଲା। କମିଟିରେ ସୁରେନ୍ଦ୍ର କୁମାର ବେହେରା,ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବିଜୟ କୁମାର ଦାସ, ବୃନ୍ଦାବନ ରାଉତ, ନୃସିଂହ ଚନ୍ଦ୍ର ସାହୁ, ଅନନ୍ତ ମହାନ୍ତି, ଶ୍ରୀକାନ୍ତ ନାୟକ, ଶଙ୍କର୍ଷନ ବେହେରା, ଚନ୍ଦ୍ର ମଣି ବେହେରା, ବେଣୁଧର ଦାସ, ରମେଶ ଚନ୍ଦ୍ର ଦାସ, ଜଗବନ୍ଧୁ ପରମାଣିକ, ବିଶ୍ୱନାଥ ଦାସ, ନରେନ୍ଦ୍ର କୁମାର ବେହେରା, ଅଶୋକ କୁମାର ଗୁଇଁ, ବାଇଧର ଦାସ ପ୍ରମୁଖ କମଟିରେ ରହିବା ପାଇଁ ଓ ଆବାହାକ ଭାବେ ଦାୟିତ୍ୱ ବହନ କରିବା ପାଇଁ ଶ୍ରୀଧର ବେହେରାଙ୍କୁ ମନୋନୀତ କରାଯାଇଛି। ବୁଣାଖଅର ମାନଙ୍କ ଉନ୍ନତି ପାଇଁ ଓ ଫନି ବାତ୍ୟାର ସରକାରୀ ସହ ଯୋଗ ପାଇଁ ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ବରୀ ବିଧାୟିକାଙ୍କ ପ୍ରତିନିଧି ଶ୍ରୀ ଦାସ ଏକ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

# ରାଜ୍ୟ ସଂଗ୍ରହାଳୟର ପ୍ରତିଷ୍ଠା ଉତ୍ସବ ସମାରୋହ ଅତୀତର ସଂରକ୍ଷଣ, ସୁରକ୍ଷା, ବ୍ୟାଖ୍ୟାନ ଓ ବିଶ୍ଳେଷଣ ଏକାନ୍ତ ଆବଶ୍ୟକ : ରାଜ୍ୟପାଳ

ଭୁବନେଶ୍ୱର, ପିଏନ)- ଓଡ଼ିଶାର ଇତିହାସ ଓ ଐତିହ୍ୟ ବେଶ୍ ସମୃଦ୍ଧଞ୍ଚ । ଏହା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ଭବିଷ୍ୟତର ପଥ ନକ୍ସା ପ୍ରସ୍ତୁତିରେ ଅତୀତର ବିଶେଷ ଭୂମିକା ରହିଛି । କାଳଜୟୀ ସଂସ୍କୃତି ଓ ପରମ୍ପରା ଆମ ଅସ୍ମିତା ଓ ପରିଚୟର ପ୍ରମୁଖ ଉପାଦାନ । ଏହାର ସଂରକ୍ଷଣ, ସୁରକ୍ଷା, ବ୍ୟାଖ୍ୟାନ ଓ ବିଶ୍ଳେଷଣ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ପୂର୍ବାହ୍ଣରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦଇ ରାଜ୍ୟପାଳ ପ୍ରଫେସର ଲାଲ କହିଛନ୍ତି ଯେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପହାର । ପ୍ରତ୍ୟେକଟି ମୁହୂର୍ତ୍ତ ଅନନ୍ତ ସଂଭାବନାର ଆଧାର: ଏହାକୁ ପ୍ରତ୍ୟେକ ମର୍ମେ ମର୍ମେ ଅନୁଭବ କରି ଆଗକୁ ଯିବା ପାଇଁ ଅନୁପ୍ରେରିତ ହେବା ଦରକାର । ସେ କହିଲେ ଯେ ଉତ୍କର୍ଷର ଅନ୍ୟନାମ ହେଉଛି ଉତ୍କଳ । ସୃଜନ ଓ କଳା କ୍ଷେତ୍ରରେ ଉତ୍କଳ ସାରା ବିଶ୍ୱରେ ପ୍ରତିଷ୍ଠିତ । ଏହି ଉତ୍କର୍ଷର ପରମ୍ପରା ଅବ୍ୟାହତ ରଖିବା ଆମର ଦାୟିତ୍ୱ । ସଂପ୍ରତି ରାଜ୍ୟ ସରକାର ଯେଭଳି ଶ୍ରୀମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର , ଶ୍ରୀକ୍ଷେତ୍ର, ଏକାମ୍ର କ୍ଷେତ୍ରର ବିକାଶ ପାଇଁ କାଯର୍ୟକ୍ରମ କରୁଛନ୍ତି ତାହା ଅଭିନନ୍ଦନୀୟ । ଓଡ଼ିଶା ନିଶ୍ଚୟ ସାରା ପୃଥିବୀର ଆକର୍ଷଣର କେନ୍ଦ୍ର ହୋଇପାରିବ । ସେ ମଧ୍ଯ ଓଡ଼ିଶା ସଂଗ୍ରହାୟଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । କାଯର୍ୟକ୍ରମରେ ପଯର୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାଜ୍ୟ ସଂଗ୍ରହାଳୟ ସହିତ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଯୋଡି ହୋଇ ରହିଛି ବୋଲି କହିବା ସହ ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ତୀର୍ଥଭୂମି ବୋଲି ଅଭିହିତ କରିଥିଲେ । ଆମର ଅସ୍ମିତା ଓ ସ୍ୱାଭିମାନର ମୂକସାକ୍ଷୀ ଭାବରେ ରାଜ୍ୟ ସହଗ୍ରହାଳୟର ଭୂମିକା ଅତ୍ୟନ୍ତ ତାତ୍ପଯର୍ୟପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଦର୍ଶାଇଥିଲେ । ସଂଗ୍ରହାଳୟରେ ଆଜି ଏକ ହର୍ବାଲ କର୍ଣ୍ଣର ଉଦ୍‌ଘାଟିତ ହୋଇଥିବାବେଳେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ 'ପୋଷ୍ଟାଲ୍ ହେରିଟେଜ୍ ଅଫ୍ ଓଡ଼ିଶା ଗ୍ୟାଲେରୀ' ମଧ୍ଯ ଉଦ୍‌ଘାଟିତ ହୋଇଥିଲା । ଏହା ସହିତ ଏକ ପଠନ ଗୃହ ଓ ଅଚ୍ୟୁତରାଜପୁରର ବୌଦ୍ଧ ବ୍ରୋଞ୍ଜ ସ୍ଥାପତ୍ୟ ଗ୍ୟାଲେରୀ ଲୋକାର୍ପିତ ହୋଇଥିଲା । କାଯର୍ୟକ୍ରମରେ ଓଡ଼ିଶା ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ଣ୍ଣାଲ୍‌ର ନୂତନ ସଂଖ୍ୟା, ବିଶିଷ୍ଟ ଐତିହାସିକ ଡ. ସତ୍ୟନାରାୟଣ ରାଜଗୁରୁଙ୍କ କୃତିତ୍ୱ ଆଧାରିତ ଇଂରାଜୀ ପୁସ୍ତକ, ଡାକ ବିଭାଗ, ଓଡ଼ିଶା ସର୍କଲ ଦ୍ୱାରା ନୂତନ ଲଫାପା ଏବଂ ମଥୁରାନାଥ ଦାସଙ୍କ ସଂପାଦିତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ବକ୍ତୃତାମାଳା ସଂକଳନ କାଯର୍ୟକ୍ରମରେ ଉନ୍ମୋଚିତ ହୋଇଥିଲା । ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଏକ ତୈଳଚିତ୍ର ମଧ୍ଯ ଉନ୍ମୋଚିତ ହୋଇଥିଲା । ରାଜ୍ୟ ସଂଗ୍ରହାଳୟର ଅବସରପ୍ରାପ୍ତ କର୍ମ ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଅନ୍ୟମାନଙ୍କ ମଧ୍ଯରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ମହାଡାକପାଳ ଶ୍ରୀ ସନ୍ତୋଷ କମିଲା, ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ନାୟକ ଓ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଜୟନ୍ତୀ ରଥ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ



ରାଉରକେଲା, (ପିଏନ) : ଜିଲ୍ଲା କଂଗ୍ରେସ ତରଫରୁ ସେକ୍ଟର-୮ କାର୍ଯ୍ୟାଳୟରେ ଭାରତୀୟ ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କଂଗ୍ରେସ ନେତୃବୃନ୍ଦ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ ଜଣାଇବା ପରେ ମୁଖ୍ୟ ଅତିଥି ଜାତୀୟ କଂଗ୍ରେସ ପତାକା ଉତ୍ତୋଳନ କରି ଉପସ୍ଥିତ ନେତୃବୃନ୍ଦ ଓ କର୍ମୀମାନଙ୍କୁ ସମ୍ବୋଧନ କରି କଂଗ୍ରେସ ଦଳର ଐତିହ୍ୟ, ସଂସ୍କୃତି ଓ ଆଦର୍ଶ ବିଷୟରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କଂଗ୍ରେସ ଦଳ ଭାରତର ସ୍ୱାଧୀନତାରେ ଯେଉଁଭଳି କାର୍ଯ୍ୟ କରି ସ୍ୱାଧୀନ କରାଇଥିଲା ଆଜି ମଧ୍ଯ କଂଗ୍ରେସ ଦଳର କର୍ମୀମାନଙ୍କୁ ସେହିଭଳି କାର୍ଯ୍ୟ କରି ସୁନ୍ଦରଗଡ ଜିଲ୍ଲା ଓ ରାଉରକେଲାରେ ବିଜୟୀ କରାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ବୋଲି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ଯରେ କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, ଜ୍ଞାନେନ୍ଦ୍ର ଦାସ, ସୁନୀଲ ପଟ୍ଟନାୟକ, ମାତାଦିନ ଜୟସ୍ୱାଲ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ସରୋଜ ଜେନା, ବିଶ୍ୱରଞ୍ଜନ ରାଉତ, ଦିଲ୍ଲୀପ ଜେନା, ଚକ୍ରଧର ମାହାତୋ, ବନ୍ଦେ ଏକ୍କା, ବିଶ୍ୱଜିତ ସାହୁ, ତ୍ରିଲୋଚନା ବେହେରା, ଦିଗ୍‌ବିଜୟ ସାହୁ, ଅଲତାଫ ହୁସେନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକ ସଫଳ ରୂପାୟନ କରିଥିଲେ।

# ଜବରଦଖଲ ଉଚ୍ଛେଦ ବେଳେ ଅଘଟଣ : ତିନି ଶ୍ରମିକ ଗୁରୁତର

ଅନୁଗୋଳ,(ପିଏନ)- ୫୫ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ନିମନ୍ତେ ଆଜି ସକାଳେ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ବୁଢ଼ାପଙ୍କ ଗାଁ ଛକରେ ଦୁର୍ଘଟଣା ଘଟି ୩ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି । ଗୁରୁତରଙ୍କ ମଧ୍ୟରୁ ଦୁଇ ଜଣଙ୍କ ଘର ବନ୍ତଳା ଥାନା ଅଧିନ ବଡ଼କେରାରେ ହୋଇଥିବା ବେଳେ ଜଣକ ଘର ଅନୁଗୋଳ ଥାନା ଅଧିନ କୁରୁଡୁଲୁରେ ବୋଲି ଜଣାପଡିଛି । ତେବେ ସେମାନଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ । ସୂଚନା ଅନୁଯାୟୀ, ୫୫ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ଉଚ୍ଛେଦ ନିମନ୍ତେ ଜଣେ ଠିକାଦାରଙ୍କୁ କାମ ଦିଆଯାଇଥିଲା । ଆଜି ସକାଳେ ବୁଢ଼ାପଙ୍କ ନିକଟରେ ଜଣେ ବ୍ୟକ୍ତିଙ୍କ ଘର ଭଙ୍ଗାଯାଉଥିବା ବେଳେ ଦୁର୍ବଳ ଅବସ୍ଥାରେ ଥିବା ଏହାର ଛାତ ହଠାତ୍ ଭୁଶୁଡ଼ି ପଡିଥିଲା । ଫଳରେ ଘରଭଙ୍ଗା କାର୍ଯ୍ୟରେ ନିୟୋଜିତ ଥିବା ତିନି ଜଣ ଶ୍ରମିକଙ୍କ ଉପରେ ଛାତର କିଛି ଅଂଶ ଖସିପଡିବାରୁ ସେମାନେ ଗୁରୁତର ହୋଇପଡିଥିଲେ । ଖବର ପାଇ ବଅଁରପାଳ ପୋଲିସ ଘଟଣାସ୍ଥଳରେ ପହଂଚିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା । ପୋଲିସ, ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ତିନି ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି । ତେବେ ଏହି ଦୁର୍ଘଟଣା କିପରି ଓ କେଉଁ ପରିସ୍ଥିତିରେ ଘଟିଲା ପୋଲିସ ସେନେଇ ଅଧିକ ତଦନ୍ତ ଚଳାଇଛି ।

# ସ୍ୱର୍ଗଦ୍ୱାରରେ ସାମ୍ବାଦିକ ପ୍ରଭାତ କୁମାର ଦାଶଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ, (ପିଏନ)- ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ତଥା ପ୍ରେସ୍ କାଉନସିଲ୍ ଅଫ ଇଣ୍ଡିଆର ସଦସ୍ୟ ପ୍ରଭାତ କୁମାର ଦାଶଙ୍କ ଶେଷକୃତ୍ୟ ଆଜି ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହୋଇଛି । ତାଙ୍କ ବଡ଼ ଝିଅ ପଥଶ୍ରାଦ୍ଧ ସହ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗଦ୍ୱାରରେ ତାଙ୍କ ସାନଝିଅ, ଜ୍ୱାଇଁଙ୍କ ସମେତ ପ୍ରତିଦିନର ସମ୍ପାଦକ ସୁଧିର କୁମାର ପଣ୍ଡା, ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସମ୍ପାଦକ ଶଶିଭୂଷଣ ପ୍ରହରାଜ, ପୁରୀ ଜିଲ୍ଲା ସଭାପତି ବିଜୟ ମିଶ୍ର, ସାମ୍ବାଦିକ ପ୍ରଦୀପ କୁମାର ନାୟକ, ସଂଘର କର୍ମକର୍ତା, ଲାଲା ଅନନ୍ତ କୁମାର ସିଂ, ଭୁବନେଶ୍ୱରର ବହୁ ସାମ୍ବାଦିକ ଓ ବୁଦ୍ଧିଜିବୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ ।ସ୍ୱର୍ଗତ ଦାଶ ଭୁବନେଶ୍ୱର ପାଇଁ ପ୍ରତିଦିନର ଅଧିସ୍ୱୀକୃତ ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିଲେ । ଏପରିକି ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଦ୍ୱିତୀୟ ଥର ସଦସ୍ୟ ଭାବେ ସେ କାର୍ଯ୍ୟରତ ଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ବ୍ୟକ୍ତିଗତ ରାଜନୈତିକ ସଚିବ ଭାବେ ସେ କାର୍ଯ୍ୟ କରିଥିଲେ । ଓଡ଼ିଶାର ସାମ୍ବାଦିକ ମାନଙ୍କ ପାଇଁ ଲଢ଼େଇ କରି ସାମ୍ବାଦିକ ଗଣନା, ସ୍ୱାସ୍ଥ୍ୟବୀମା, ପେନସନ୍ ଯୋଜନା ପ୍ରଚଳନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସାଂଗଠନିକ ଦକ୍ଷତା ଯୋଗୁଁ ୩୦ ଜିଲ୍ଲାରେ ସଂଘର ୧୨ ଶହରୁ ଅଧିକ ସଦସ୍ୟ ରହିଛନ୍ତି । ଆଜିର ଦିନରେ ତାଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ପୁରୀ ଠାରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର

କନ୍ଧମାଳ,(ପିଏନ)- ଆୟ ବର୍ହିଭୁତ ସଂପତି ଠୁଳ ଅଭିଯୋଗରେ ଆଜି ବ୍ରହ୍ମପୁର ଓ ଫୁଲବାଣୀ ଭିଜିଲାନ୍ସ ବିଭାଗ ପକ୍ଷରୁ ବାଲିଗୁଡା ଫରେଷ୍ଟ ଡିଭିଜନ ଅର୍ନ୍ତଗତ ବ୍ରାହ୍ମଣୀଗାଁରେ ଫରେଷ୍ଟର ଥିବା କୈଳାସ ଚନ୍ଦ୍ର ସାହୁଙ୍କ ବାଲିଗୁଡାର ପଣସପୋଡି, ଗୁଳିମରା, ନୂଆସାହୀ, ବିଦ୍ୟୁତ କଲୋନୀ, ସାରଙ୍ଗଡରେ ଥିବା ଘର ସମେତ ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, କଳାହାଣ୍ଡି ଆଦି ୭/୮ ଟି ସ୍ଥାନରେ ଚଢ଼ଉ ହୋଇଛି । ଭିଜିଲାନ୍ସ ବିଭାଗ ଫରେଷ୍ଟର ସାହୁଙ୍କ କୋଟି କୋଟି ଟଙ୍କା ମୂଲ୍ୟର ସଂପତି ଠାବ କରିଥିବା ଜଣାପଡିଛି । ଶ୍ରୀ ସାହୁ ପୂର୍ବରୁ ତୁମୁଡିବନ୍ଧ ଓ କ.ନୂଆଗାଁ ଫରେଷ୍ଟ ରେଂଜ ଦାୟୀତ୍ୱରେ ଥିବା ସମୟରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା । ଫୁଲବାଣୀ ଭିଜିଲାନ୍ସ ଡିଏସପି ରବୀନ୍ଦ୍ର ସୁନାଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଡିଏସପି ରବୀନ୍ଦ୍ର ସୁନା କହିଛନ୍ତି ।

### ଆଦାନୀ ଧାମରା ପୋର୍ଟ ଭଲିବଲ ଟୁର୍ଣ୍ଣାମେଣ୍ଟ

# କରନପଲ୍ଲୀକୁ ହରାଇ ଅମରନଗର ବିଜୟୀ




ଧାମରା,(ପିଏନ): ଗ୍ରାମାଞ୍ଚଳରେ ଶିକ୍ଷା ସହିତ ଯୁବ ପ୍ରତିଭାମାନଙ୍କୁ ଖେଳକୁଦ ଏବଂ କ୍ରୀଡ଼ାକୁ ଅଧିକ ଆକୃଷ୍ଟ କରାଯିବା ପରିପ୍ରେକ୍ଷୀରେ ଆଦାନୀ ଧାମରା ପୋର୍ଟ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଅଛି । ଏହି କ୍ରମରେ ଗତ ୨୬ତାରିଖରେ ଦୋସିଙ୍ଗା ବଜାରଠାରେ ଦୁଇଦିନିଆ ଗ୍ରାମପଞ୍ଚାୟତ ସ୍ତରର ଦ୍ୱାଦଶ ଭଲିବଲ ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଧାମରା ବନ୍ଦର ପାର୍ଶ୍ୱବର୍ତ୍ତୀ ୮ ଟି ଗ୍ରାମପଞ୍ଚାୟତର ୧୦ ଟି ଦଳ ଭାଗ ନେଇଥିଲେ । ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟରେ ଦୋସିଙ୍ଗା ଗ୍ରାମପଞ୍ଚାୟତର ଅମରନଗର ଦଳ କରଣପଲ୍ଲୀ ପଞ୍ଚାୟତର କରଣପଲ୍ଲୀ ଦଳକୁ ୨୫:୨୧ସେଟ୍ ରେ ପରାସ୍ତ କରି ବିଜୟୀ ହୋଇଛି । ଉଭୟ ବିଜୟୀ ଏବଂ ରନର୍ସ ଅପ୍ ଦଳକୁ ଭଦ୍ରକ ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ଦାସ ପୁରସ୍କୃତ କରିଥିଲେ ।

ଏହି ଅବସରରେ ମନୋଜ ଦାସ ସ୍ଥାନୀୟ ଯୁବପ୍ରତିଭାମାନଙ୍କୁ ଆଗକୁ ଆସି ବିଭିନ୍ନ କ୍ରୀଡ଼ାରେ ଭାଗ ନେଇ ନିଜ ପଞ୍ଚାୟତ, ଜିଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିବାକୁ ପ୍ରୋତ୍ସାହିତ କରିଥିଲେ । ଆଗାମୀ ଦିନରେ ଏହିପରି ଅନେକ କ୍ରୀଡ଼ା ତଥା ଖେଳକୁଦ ପ୍ରଦର୍ଶନ ଜିଲାରେ ଜାରି ରହିବ ବୋଲି ସେ କହିଥିଲେ । ଦୀର୍ଘ ଦଶନ୍ଧି ଧରି ଆଦାନୀ ଡିପିସିଏଲ ଦ୍ୱାରା ଆୟୋଜିତ ହୋଇଆସୁଥିବା ଏହି ଟୁର୍ଣ୍ଣାମେଣ୍ଟକୁ ପଞ୍ଚାୟତ ସମିତି ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ମ ଜାତୀୟ ଶ୍ରବଣବାଧିତ ମହିଳା ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର(ପିଏନ)-ଆଜି ଭୁବନେଶ୍ୱରସ୍ଥ କିଟ୍ ପ୍ରେକ୍ଷାଳୟରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ସଭାପତି ଶ୍ରୀମତୀ ଦିପ୍ତି ବହିଦାରଙ୍କ ସଭାପତିତ୍ୱରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘ ତରଫରୁ ୫ମ ଜାତୀୟ ଶ୍ରବଣବାଧିତ ମହିଳା ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ସାଂସ୍କୃତିକ ସମାରୋହରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସମ୍ମାନୀୟ ପ୍ରଫେସର୍ ଡକ୍ଟର ସସ୍ମିତା ରାଣୀ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମହୋଦୟା ନିଜର ଓଜସ୍ୱିନୀ ଭାଷଣ ମାଧ୍ୟମରେ ଶ୍ରବଣବାଧିତ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ସମାରୋହରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ଉପ ସଭାପତି ଶ୍ରୀମତୀ ଗୌରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ଉପଦେଷ୍ଟା ସତ୍ୟ ରଂଜନ ପଟ୍ଟନାୟକ ଓ ଅନୁବାଦକ ପ୍ରମୋଦ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ତଥା ସାମାଜିକ କର୍ମୀ ସମ୍ମାନୀୟ ଡକ୍ଟର ଇନ୍ଦ୍ରାଣୀ ସାମନ୍ତ, ଜାତୀୟ ମହିଳା ଶ୍ରବଣବାଧିତ ମହାସଂଘର ସାଧାରଣ ସମ୍ପାଦିକା ତଥା ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ପ୍ରତିଷ୍ଠାତା ଶ୍ରୀମତୀ ଉମା କାପୁର, ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ଉପ ସଭାପତି ଶ୍ରୀମତୀ ସ୍ମୃତି ନାୟକ, ଓଡିଶା ଶ୍ରବଣବାଧିତ ସଂଘର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବି.କେ ପରିଡା ଓ ଓଡିଶା ସରକାରଙ୍କ ଦିବ୍ୟାଙ୍ଗଜନ ଆୟୋଗର କମିଶନର ଶ୍ରମତୀ ସୁଲୋଚନା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟମାନ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘ ପକ୍ଷରୁ ଶ୍ରବଣବାଧିତ ମହିଳାମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗୀତାରେ ୧୩ଟି ରାଜ୍ୟରୁ ପ୍ରାୟ୪୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ଏବଂ ସେଥିମଧ୍ୟରୁ ପ୍ରାୟ ୨୦୦ଜଣ ଶ୍ରବଣବାଧିତ ମହିଳା ଭାଗ ନେଇ ସେମାନଙ୍କର କଳା ଓ ସଂସ୍କୃତିକୁ ନିଖୁଣତାର ସହ ପରିବେଷଣ କରିଥିଲେ । ଶେଷରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ସାଧାରଣ ସମ୍ପାଦିକା ମିସ୍ ମିନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




# ସବୁ ରୋଗର ଔଷଧ ସକାରାତ୍ମକ ଚିନ୍ତା



ମସ୍ତିଷ୍କ ଶାନ୍ତ ଓ ବିଶ୍ୱାସପୂର୍ଣ୍ଣ ଥିଲେ ରୋଗୀ ଶୀଘ୍ର ରୋଗମୁକ୍ତ ହୋଇଯାଏ। କିନ୍ତୁ ତା' ମନରେ ଯଦି ଭୟ ଥାଏ, କୌଣସି ସାଧାରଣ ରୋଗକୁ ନେଇ ଚିନ୍ତିତ ହୋଇପଡ଼େ, ତେବେ ସେହି ସାଧାରଣ ରୋଗ ବି ବିରାଟ ରୂପ ନିଏ। ଡାକ୍ତରଙ୍କ କହିବା ଅନୁସାରେ ମାନସିକ ଚିନ୍ତା ଶାରିରୀକ କ୍ରିୟା ଉପରେ କମ୍ ହେଉ ଅବା ଅଧିକ କିଛି ନା କିଛି ପ୍ରଭାବ ପଡ଼େ। ମନର ପ୍ରଭାବ ଓ ଶରୀର ଉପରେ ପଡ଼େ। କିନ୍ତୁ ଏବେ ସ୍ପଷ୍ଟ ପ୍ରମାଣିତ ଯେ, ମାନସିକ ଚିନ୍ତା ଶରୀରର ଗୁରୁତ୍ୱପୂର୍ଣ୍ଣ କ୍ରିୟା ଉପରେ ଅତ୍ୟଧିକ ପ୍ରଭାବ ପକାଏ। ସଂପୂର୍ଣ୍ଣ ସୁସ୍ଥ ମଣିଷ ଜଣକ ମାନସିକ ଚିନ୍ତା ଦ୍ୱାରା ହିଁ ଏକ ଭୟଙ୍କର ରୋଗର ଶିକାର ହୋଇପଡ଼େ। ଏଥିରୁ ସ୍ପଷ୍ଟ ଯେ, ଆମର ବିଚାର ଓ ଭାବନା ରକ୍ତ ସଞ୍ଚାର ଉପରେ ସିଧା ପ୍ରଭାବ ପକାଏ। ଆମେ ପୂର୍ଣ୍ଣ ସୁସ୍ଥ ଥିବାବେଳେ ଆମର ରକ୍ତ ପୂର୍ଣ୍ଣ ସନ୍ତୁଳିତ ହୋଇଥାଏ। କିନ୍ତୁ ମାନସିକ ଭାବନାରେ ଭଲ ମନ୍ଦ ଲାଗି ରହିଲେ ରକ୍ତ ସଞ୍ଚାଳନ ଅସନ୍ତୁଳନ ହୋଇଯାଏ। ଆମ ଶରୀରର ଅଣୁ ଉପରେ ଆମ ମାନସିକ ଅବସ୍ଥାର ପ୍ରଭାବ ଅତ୍ୟଧିକ ମାତ୍ରାରେ ପଡ଼ିଥାଏ। ଆମ ମସ୍ତିଷ୍କରେ ଯେ ପର୍ଯ୍ୟନ୍ତ ଆଶା ସଞ୍ଚରଣ ରହିଛି ଓ ସ୍ୱାସ୍ଥ୍ୟ ପ୍ରତି ନିଶ୍ଚିନ୍ତତା ମଧ୍ୟ ରହିଛି। ଯାହାଦ୍ୱାରା ଆମର କୌଣସି କ୍ଷତି ହେବ ନାହିଁ। ଯଦି ଏହି କଥା ପ୍ରତି ଆମର ଭରସା ଥାଏ ତେବେ ଶକ୍ତିମାନ ପରମ ପିତାଙ୍କ ଶକ୍ତି ଆମ ପାଖରେ ଅଛି। ଏହି ଭାବନା ଆମ ଶରୀରର ପ୍ରତ୍ୟେକ କୋଷରେ ପ୍ରଭାବିତ ହୋଇଥାଏ। ଏହାଦ୍ୱାରା ଆମେ ସଂପୂର୍ଣ୍ଣ ସୁସ୍ଥ ଓ ପୂର୍ଣ୍ଣରୂପେ ପ୍ରସନ୍ନ ଅନୁଭବ କରିବା। ଯଦି ଆମ ମନରେ ଦୃଢ଼ ବିଶ୍ୱାସ ଅଛି ଯେ ରୋଗକୁ ମୁକାବିଲା କରିବା ପାଇଁ ଆମ ପାଖରେ ବହୁତ ଶକ୍ତି ଓ କ୍ଷମତା ରହିଛି ତେବେ ଆମେ ରୋଗ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଥାଉ ଓ ରୋଗ ଆମକୁ ଛୁଇଁପାରେ ନାହିଁ। ଆମ ଶରୀରର ପ୍ରତ୍ୟେକ ଅଣୁ ଜୀବନରେ ଓତଃପ୍ରୋତ ଜଡ଼ିତ ତଥା ବହୁତ ସମ୍ବେଦନଶୀଳ ଅଟେ। ଏହା ଜୀବନର ପ୍ରତୀକ ଅଟେ। ଏହାର ସଂପର୍କ କେନ୍ଦ୍ରୀୟ ମସ୍ତିଷ୍କ ସହ ଅନବରତ ରହିଥାଏ। ଆମ ମସ୍ତିଷ୍କ ଏକ ଅଣୁକେନ୍ଦ୍ର ଅଟେ। ମସ୍ତିଷ୍କ ଯେଉଁ ଖବର ପ୍ରସାରିତ କରେ ତାର ଅନୁରୂପ ଅଣୁ କାର୍ଯ୍ୟ କରିଥାଏ। ତେଣୁ ମନରେ ସୁସ୍ଥ ରହିବାର ଆଶା ଅଭିଳାସ ନାହିଁ। ତେବେ ଆପଣ ସୁସ୍ଥ ରହିପାରିବେ ନାହିଁ। ଯେପରି ବ୍ୟବସାୟ ପୁଞ୍ଜି ଅନିବାର୍ଯ୍ୟ ସେହିପରି ସୁସ୍ଥ ରହିବା ପାଇଁ ମନରେ ଆଶା ଓ ବିଶ୍ୱାସର ଏକାନ୍ତ ଆବଶ୍ୟକ। ଏହା ସତ୍ୟ ଯେ, ଭୟ ମଣିଷକୁ ନର୍କଗାମୀ କରାଏ। ତା ଶରୀରରୁ ଶକ୍ତି ହ୍ରାସ କରେ। ଏହି ଭୟ ଦ୍ୱାରା ହିଁ ବ୍ୟକ୍ତିଠାରେ ଏକ ସାଧାରଣ ରୋଗ ବିରାଟ ରୂପ ନିଏ, ମୃତ୍ୟୁ ତାକୁ ଶୀଘ୍ର ଗ୍ରାସ କରେ। କାରଣ ସେ ଆଶା ଛାଡ଼ି ଦେଇ ପୂର୍ଣ୍ଣରୂପେ ରୋଗ ନିରାଶ ହୋଇଯାଇଥାଏ। ଆଶାହୀନ ହୋଇଯିବା ଯୋଗୁଁ ଅଣୁ ଗୁଡ଼ିକରୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଏ। ତେଣୁ ଆମ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆମର ମନୋବୃତ୍ତିକୁ ସୁଦୃଢ଼ ଓ ଆତ୍ମବିଶ୍ୱାସ ରଖିବା ଉଚିତ। ସୁସ୍ଥ ରହିବା ପାଇଁ ଭୟର ସ୍ଥାନ ନାହିଁ ବରଂ ସକାରାତ୍ମକ ଚିନ୍ତା ଏକାନ୍ତ ଆବଶ୍ୟକ। ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆମର ମନ ଓ ମସ୍ତିଷ୍କର ସର୍ବଦା ଦୁଇ ପ୍ରକାର ବିଚାର ରହିଥାଏ। ସୁସ୍ଥ ବିଚାର ଓ ରୋଗୀ ବିଚାର। ଏହି ଦୁଇ ବିଚାର ମଧ୍ୟରେ କୌଣସି ସ୍ଥାନ ନାହିଁ। ସୁସ୍ଥ, ସୁନ୍ଦର, ନିର୍ମଳ, ଉତ୍ସାହପୂର୍ଣ୍ଣ ଏବଂ ଆଶାବାନ ବିଚାର ଆମ ଶରୀରକୁ ସୁସ୍ଥ ଓ ମନକୁ ସୁଖୀ ରଖିଥାଏ। ସର୍ବଦା ଖୁସି ରୁହନ୍ତୁ। ଏହାଦ୍ୱାରା ମନକୁ ବହୁ ଶକ୍ତି ମିଳିଥାଏ। ନକରାତ୍ମକ ଚିନ୍ତା ଆପଣଙ୍କ ମସ୍ତିଷ୍କରେ ବସାବାନ୍ଧି ପାରିବନି କି ଆପଣ ଦୁର୍ବଳ ମଧ୍ୟ ହେବେନି। ତେବେ ପରିସ୍ଥିତି ଯାହାହେଉନା କାହିଁକି ସବୁକିଛି ଠିକ୍ ହୋଇଯିବ ଭାବି ଚିନ୍ତା ନକରି ଖୁସି ରୁହନ୍ତୁ। ଦେଖିବେ ଆପଣଙ୍କ ମନ ସତେଜ ରହିବା ସହ ଆପଣ ମଧ୍ୟ ସୁସ୍ଥ ରହିବେ।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

# ସେଂଟମେରୀ ସ୍କୁଲର ପଂଚମ ବାର୍ଷିକ ଉତ୍ସବ ପାଳିତ




ଆନନ୍ଦପୁର (ପିଏନ୍): ଆନନ୍ଦପୁର ସେଂଟମେରୀ ସ୍କୁଲର ପଂଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ସେଂଟମେରୀ ଫାଦର ଏଫ୍ରେମ ଲାକଡାଙ୍କ ନେତୃତ୍ୱରେ ସ୍କୁଲର ସଭାପତି ଆଇସାକ ପୁଥେନାଗାଡି, ମୁଖ୍ୟଅତିଥି ଆନନ୍ଦପୁର ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁ, ସମ୍ମାନୀତ ଅତିଥି ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଆନନ୍ଦପୁର ତହସିଲଦାର ତପନ କୁମାର ନାଏକ ପ୍ରମୁଖ ଯୋଗ ଦେଇ କ୍ୟାଣ୍ଡେଲ ଜାଳି ବାର୍ଷିକ ଉତ୍ସବର ଶୁଭାରମ୍ଭ କରିଥିଲେ। ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୁଖ୍ୟଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା।

ଏହି ଅବସରରେ ସ୍କୁଲ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ସରୀରୁ କ୍ଲାସ୍ ୪ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ-ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ସେଂଟମେରୀ ସ୍କୁଲର ସିଷ୍ଟର ରିମା, ଇନ୍ଦିରା, ସାଗରିକା ମିଶ୍ର, ସୌମ୍ୟଶ୍ରୀ କର, ପ୍ରିୟଙ୍କା ଦାସ, ରୀନା ତିର୍କି, ଅଂଶୁମାଳା, ସାରଦା ବାରିକ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସାଇଲେଣ୍ଟ କିଲର ଡେଙ୍ଗୁ



ଭୁବନେଶ୍ୱର (ପିଏନ୍): ସଂପ୍ରତି ଜଣାପଡ଼ିଛି ଯେ ଭାରତର ଶିଶୁମାନଙ୍କଠାରେ ଡେଙ୍ଗୁ ଆଣ୍ଟିବଡ଼ିଜ୍ ରହିଛି। ସେମାନେ ସାଇଲେଣ୍ଟ ଡେଙ୍ଗୁରେ ସଂକ୍ରମିତ। ଏକ ସ୍ୱାସ୍ଥ୍ୟ ପତ୍ରିକାର ତଥ୍ୟ ଅନୁଯାୟୀ ୨୦୧୨ରେ ୫୦ହଜାର ୨୨୨ ପୀଡ଼ିତଙ୍କ ମଧ୍ୟରୁ ୨୪୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୩ରେ ୭୫ ହଜାର ୮୦୮ଙ୍କ ଭିତରୁ ୧୯୩ଜଣ, ୨୦୧୪ରେ ୪୦ହଜାର ୬୭୧ଙ୍କ ଭିତରୁ ୩୭ଜଣ ଓ ୨୦୧୫ରେ ୯୯ ହଜାର ୯୧୩ ଜଣଙ୍କ ମଧ୍ୟରୁ ୨୨୦ଜଣଙ୍କର ମୃତ୍ୟୁ ଘଟିଛି। ମୌଲାନା ଆଜାଦ ମେଡ଼ିକାଲ କଲେଜ ଦ୍ୱାରା ଭାରତର ଆଠଟି ଅଞ୍ଚଳର ବିଭିନ୍ନ କମ୍ୟୁନିଟିକୁ ଭିତ୍ତିକରି ୨୦୦୦ ଶିଶୁଙ୍କ ଉପରେ ଅନୁଧ୍ୟାନ କରାଯାଇଛି। ଜଣାପଡ଼ିଛି ଯେ ସେଥିଭିତରୁ ୫ରୁ ୧୦ ବର୍ଷ ପିଲାଙ୍କ ଶରୀରରେ ଡେଙ୍ଗୁ ଆଣ୍ଟିବଡ଼ିଜ୍ ରହିଛି ଯାହାଦ୍ୱାରା ସେମାନେ ଡେଙ୍ଗୁରେ ପୀଡ଼ିତ ହେଉଛନ୍ତି କିନ୍ତୁ ଦୁର୍ଭାଗ୍ୟର ପ୍ରସଙ୍ଗ ସେମାନେ ଏ ନେଇ ଅବଗତ ହୋଇପାରୁ ନାହାନ୍ତି। କେବଳ ୧୯୯୦ରୁ ୧୯୯୯ ମଧ୍ୟରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧ୍ୟରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ଲକ୍ଷ ହୋଇଛି। ସାଧାରଣତଃ ଗ୍ରୀଷ୍ମମଣ୍ଡଳ ଅଞ୍ଚଳରେ ଏହି ଡେଙ୍ଗୁଜ୍ୱର ବା ହାଡ଼ଭଙ୍ଗା ଜ୍ୱର ଦେଖାଯାଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଏଡ଼ିସ୍ ମଶା କାମୁଡ଼ିକା ଦ୍ୱାରା ହୋଇଥାଏ। ଏହି ଜ୍ୱର ଫେବିଭାଇରସ ଭୂତାଣୁ ଦ୍ୱାରା ହୋଇଥାଏ ଯାହାକି ଆରଏନ୍ ଭୂତାଣୁ ଓ ଏହାର ଜିନୋମ୍ ଏକ ଧାରାବାହୀ। ସଂପ୍ରତି ରାଜ୍ୟରେ ଡେଙ୍ଗୁର ଭୟାବହତା ଅଧିକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ ଇଜିପ୍ଟ ଓ ଏଡ଼ିସ ଆଲବୋପିକଟ୍ସ ଗ୍ରାମାଞ୍ଚଳରେ ଏହି ମଶାକୁ ବାଘୁଆ ମଶା କୁହାଯାଏ କାରଣ ଏହା ଦେଖିବାକୁ କଳା ରଙ୍ଗର ତାଙ୍କ ଉପରେ ଧଳା ଦାଗ ରହିଥାଏ। ଏହି ମଶା କାମୁଡ଼ିବାର ପାଞ୍ଚ ଛଅ ଦିନ ପରେ ଡେଙ୍ଗୁର ଲକ୍ଷଣ ଦେଖାଯାଇଥାଏ। ସନ୍ତସନ୍ତିଆ ଜାଗା, ଆବର୍ଜନା ସ୍ଥାନ ଓ ପାଣି ଜମା ହେଉଥିବା ସ୍ଥାନରେ ଏହି ମଶା ଦେଖାଯାଏ। ଡେଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଦିଏ। ଏହା ବୃକକ୍, ମସ୍ତିଷ୍କ ଓ ଲିଭର ଉପରେ ପ୍ରଭାବ ପକାଏ। ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁୟର ବି ସମ୍ଭାବନା ରହିଛି। ଅନ୍ୟ ଏକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତ ଅଧିକାଂଶ ଅଞ୍ଚଳର ପିଲାମାନେ ସହରତଳି ଅଞ୍ଚଳର ହୋଇଥିବାରୁ ସେମାନେ ଓ ତାଙ୍କ ବାପାମା ଏନେଇ ଅଧିକ ସଚେତନ ହୋଇପାରି ନଥାନ୍ତି। ଦିଲ୍ଲୀ, କୋଲକାତା, ହାଇଦ୍ରାବାଦରେ ଏକ ସ୍ୱାସ୍ଥ୍ୟ ଟିମ୍ ଅନୁଯାୟୀ ୨୦୧୨ରୁ ୨୦୧୫ ମଧ୍ୟରେ ପିଲାମାନଙ୍କୁ କାହିଁକି ବେଶୀ ଡେଙ୍ଗୁ ହେଉଛି ସେ ବିଷୟରେ ଅନୁଧ୍ୟାନ କରାଯାଇଥିଲା। ସେହି ସମୟ ମଧ୍ୟରେ ସେମାନଙ୍କ ଭିତରୁ ୭୦ ପ୍ରତିଶତ ଅର୍ଥାତ୍ ୧୫୨୫ ଜଣ ଡେଙ୍ଗୁରେ ପୀଡ଼ିତ ହୋଇସାରିଥିଲେ। ରକ୍ତ ପରୀକ୍ଷା କରାଯିବା ପରେ ଏହା ଜଣାପଡ଼ିଥିଲା। ଯଦି କୌଣସି ବ୍ୟକ୍ତି ଯେ କୌଣସି ଜ୍ୱରରେ ପୀଡ଼ିତ ହୁଅନ୍ତି, ସେମାନଙ୍କ ଶରୀରରେ ଏକପ୍ରକାର ଆଣ୍ଟିବଡ଼ିଜ୍ ସୃଷ୍ଟି ହୁଏ ଯାହା ରୋଗ ବିରୋଧରେ ଲଢ଼ି ପୁଣି ପୂର୍ବାବସ୍ଥାକୁ ଫେରାଇବା ଲାଗି ସାହାଯ୍ୟ କରେ। କିନ୍ତୁ ଏହା ଶରୀରରେ ଅନ୍ୟ ଜ୍ୱର ହେବାରେ ବି ମୁଖ୍ୟ ଭୂମିକା ନିଏ। ଏହା ବାଦ୍ କୌଣସି ସଂକ୍ରମଣ ଯୋଗୁ ପିଲାଙ୍କ ଶରୀରରେ ଆଣ୍ଟି ବଡ଼ିଜ୍ ସୃଷ୍ଟି ହୋଇଥାଏ। ଡେଙ୍ଗୁ କ୍ଷେତ୍ରରେ ମଧ୍ୟ ସେହିଭଳି ଆଣ୍ଟିବଡ଼ିଜ୍ ସେମାନଙ୍କ ଶରୀରରେ ରହିଥିଲା ଯେଉଁମାନେ ଡେଙ୍ଗୁରେ ପୀଡ଼ିତ ହୋଇଥିଲେ। ଏହି ଆଣ୍ଟିବଡ଼ିଜ୍ ସେମାନଙ୍କୁ ଡେଙ୍ଗୁ ପୀଡ଼ିତ କରିବାର ଆଶଙ୍କା ରହିଥିବା ଦେଖାଯାଇଥିଲା। ଦିଲ୍ଲୀର ଦୁଇଟି ଜାଗାରେ ପିଲାଙ୍କ ଉପରେ ଅନୁଧ୍ୟାନ କଲାପରେ ଜଣାପଡ଼ିଛି ଯେ, ଅସ୍ୱାସ୍ଥ୍ୟକର ପରିବେଶ ଓ ଖୋଲା ଡ୍ରେନ୍ ପାଖରେ ପିଲା ରହିବା ଦ୍ୱାରା ଡେଙ୍ଗୁରେ ସେମାନଙ୍କ ଜୀବନ ଛନ୍ଦି ହୋଇଯାଉଛି। ଡେଙ୍ଗୁ ଦୁଇପ୍ରକାରର ହୁଏ। ଗୋଟିଏ ଡେଙ୍ଗୁ ଫିଭର ଓ ଅନ୍ୟଟି ଡେଙ୍ଗୁ ହାମରେଜ ଫିଭର (ଡିଏଚ୍ଏଫ୍)। ପ୍ରଥମଟି ଫ୍ଲୁ ଭଳି ଅସୁସ୍ଥତା ଓ ଦ୍ୱିତୀୟଟି ଏହାଠୁ ଭୟଙ୍କର ଯାହା ମୃତ୍ୟୁର କାରଣ ହୋଇଥାଏ। ଏଣୁ ରକ୍ତ ପରୀକ୍ଷା କରି ଡିଏଚ୍ଏଫ୍ ହୋଇଥିଲେ ତୁରନ୍ତ ଚିକିତ୍ସା କରିବା ଆବଶ୍ୟକ। ଗବେଷଣାରୁ ଜଣାପଡ଼ିଛି ଯେ, ଡେଙ୍ଗୁ ପ୍ରଥମରୁ ଆରମ୍ଭ ହୋଇ ବୟସ ବୃଦ୍ଧି ହେବା ସହ ବଢ଼ିଚାଲେ। ପିଲାମାନଙ୍କୁ ୧୫ ବର୍ଷ ଭିତରେ ଡିଏଚ୍ଏଫ୍ ହେଉଛି। ଏଣୁ ଜ୍ୱର ହେବାକ୍ଷଣି ଡାକ୍ତରଙ୍କ ପରାମର୍ଶ ଲୋଡ଼ିବା ଦରକାର। ଡେଙ୍ଗୁ ରୋଗୀଙ୍କ ପାଇଁ ନିଜ ଆଖପାଖ ପରିବେଶରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରି ଜଳୀୟ ଆବର୍ଜନାକୁ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ। ମଶା ଧୂଆଁ ଦିଅନ୍ତୁ ଆଉ ଟିଫା ଧୂଆଁର ସଦୁପଯୋଗ କରନ୍ତୁ। ମଶାରୀ ଟାଙ୍ଗି ଶୋଇବା ଏକ ଭଲ ଅଭ୍ୟାସ। ଡେଙ୍ଗୁ ରୋଗ କ୍ଷେତ୍ରରେ ଭୟାବହ ହେବା ନେଇ ସେପରି କିଛି କାରଣ ନାହିଁ। ତେବେ ଜ୍ୱର ହେବାମାତ୍ରେ କୌଣସି ତୁଟୁକା ଟୁଟୁକି ନ ଆପଣାଇ ବରଂ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ କିମ୍ବା ରାଜ୍ୟର ସର୍ବବୃହତ ବଡ଼ମେଡିକାଲ ହେଉ ବା ଜିଲ୍ଲା ହସ୍‌ପିଟାଲ ଏହାର ସୁଯୋଗ ନେଇ ସ୍ୱାସ୍ଥ୍ୟ ପରାମର୍ଶ ନିଅନ୍ତୁ।

(ସୌଜନ୍ୟ: **ଡାକ୍ତର ନୀଳମାଧବ ପୃଷ୍ଟି,** ଭୀମସାର, ବୁର୍ଲା ବଡ଼ମେଡ଼ିକାଲ କଲେଜ, ଦୂରଭାଷ : ୯୪୩୯୪୮୨୫୨୬)

# ମାନସିକ ଦିବ୍ୟାଙ୍ଗ ପିଲାଙ୍କ ସହ ଜନ୍ମଦିନ ପାଳନ କଲେ ଅଭିନେତ୍ରୀ ଆହାନା

ଭୁବନେଶ୍ୱର (ପିଏନ୍): ଓଡ଼ିଆ ସିନେ ଜଗତରେ ସୁନ୍ଦରୀ ଅଭିନେତ୍ରୀ ଆହାନା ବରାଳ ଏକ ଅଭିନବ ଢଙ୍ଗରେ ନିଜ ଜନ୍ମଦିନଟିକୁ ପାଳନ କରିଛନ୍ତି। ଜୟଦେବ ବିହାରସ୍ଥିତ 'ଚେତନା' ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟରେ ପିଲାମାନଙ୍କ ସହ କେକ୍ କାଟିଥିଲେ। ନିଜ ଅଭିନୀତ ସିନେମାର ଗୀତର ତାଳେ ତାଳେ ନାଚିବା ସହ ମିଷ୍ଟାନ୍ନ ଓ ଖାଦ୍ୟ ବଣ୍ଟନ କରିଥିଲେ। 'ଭୈରବ' ଚଳଚ୍ଚିତ୍ରରୁ ନିଜର କ୍ୟାରିଅର୍ ଆରମ୍ଭ କରିଥିବା ଆହାନା ପରବର୍ତ୍ତୀ ଚଳଚ୍ଚିତ୍ର 'ବ୍ଲାକ୍‌ମେଲ୍'ରେ ମଧ୍ୟ ନିଜର ଅଭିନୟ ପରାକାଷ୍ଠା ଦେଖାଇଛନ୍ତି। ଆଗାମୀ ଚଳଚ୍ଚିତ୍ର 'ଜଙ୍ଗଲ'ରେ ମଧ୍ୟ ଦର୍ଶକ ତାଙ୍କୁ ଏକ ନୂତନ ଚରିତ୍ରରେ ଦେଖିବାକୁ ପାଇବେ। ସେ ଏକ ଭଲ ଅଭିନେତ୍ରୀ ସହ ଯୁବ ସମାଜସେବୀ ମଧ୍ୟ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ୍ ଫର ଭଲ୍ୟୁଣ୍ଟାରି ୱାର୍କ' ସହ ଜଡ଼ିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥା'ନ୍ତି। ଭିନ୍ନ ଢଙ୍ଗରେ ଜନ୍ମଦିନଟିକୁ ପାଳନ କରିଥିବା ଆହାନା ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ପାଲଟି ଯାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ'ର ଅଧ୍ୟକ୍ଷ ମୀର ଅହମଦ୍ ଅଲ୍ଲୀ, ଅଭିନେତା ସୂରଜ ତ୍ରିପାଠୀ, ଅତିଶ କୁମାର ରାଉତ, ଚେତନା ସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ସାର୍, ମଲ୍ଲିକ ଆୱେସ୍, ବିନୋଦ କୁମାର ରାଉତ, ନଳିନୀକାନ୍ତ ନାୟକ, ଦୀପକ ନାୟକ, ଅଜିତ, ମଣ୍ଟୁ, ସୁବ୍ରତ ମହନୀ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ନେହମୟୀ ନୀରଦପ୍ରଭା !



କଥା ତାଙ୍କର ଅତି ମଧୁର। ବ୍ୟବହାର ଖୁବ୍ ସରଳ। ଅତ୍ୟନ୍ତ ସ୍ନେହମୟୀ ମଣିଷ ସେ। ସବୁ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇ ଦିଅନ୍ତି। ସମସ୍ତ ସାଙ୍ଗଠନିକ କାର୍ଯ୍ୟ ପାଇଁ ତାଙ୍କର ଆର୍ଥିକ ସହଯୋଗ ଥାଏ। ସେ ଥିଲେ କଟକ ଲେଖକ ସହଯୋଗ ସମିତିର ଉପସଭାପତି। ଏହି ସମିତିର କାର୍ଯ୍ୟାଳୟ ପାଇଁ ଘରଟିଏ ତିଆରି କରିବାକୁ ଚେଷ୍ଟା କଲୁ। କାଠଯୋଡ଼ି ନଦୀବନ୍ଧ କଡରେ ଖାନ୍‌ନଗର କାଳି ମନ୍ଦିରର ଜାଗା ଥିଲା। ମନ୍ଦିରର ମାର୍ଫତ୍‌ଦାର ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କୁ ଅନୁରୋଧ କରି କଟକ ଲେଖକ ସହଯୋଗ ସମିତିର ନିଜସ୍ୱ ଘରଟିଏ ତିଆରି କରିବାକୁ ଖଣ୍ଡେ ଜାଗା ଦେବା ପାଇଁ ତାଙ୍କୁ ଅନୁରୋଧ କଲୁ। ସେ ଆମକୁ ଜାଗା ଦେଖାଇଦେଲେ। ଏବେ ଘର ତିଆରି କରିବା କଥା। ସେତେବେଳେ କଟକ ଲେଖକ ସହଯୋଗ ସମିତିର ଉପସଭାପତି ଥିଲେ ଶ୍ରୀମତୀ ନୀରଦପ୍ରଭା ସିଂହ ସାମନ୍ତ। ଏଥିଲାଗି ପ୍ରଥମ କରି ସେ ଚାନ୍ଦା ଦେଲେ। ତାପରେ କଟକ ମହାନଗରୀର ବଦାନ୍ୟ ବ୍ୟକ୍ତିମାନଙ୍କ ଠାରୁ ଚାନ୍ଦା ସଂଗ୍ରହ ଅଭିଯାନ ଚାଲିଲା। ଘର ତିଆରି କାମ ଚାଲିଥାଏ। ଅଗ୍ରଗତି ବିଷୟରେ ସେ ପଚାରି ବୁଝୁଥାଆନ୍ତି। ଘରର ଛାତ ପଡ଼ିଗଲା ଓ ପଲସ୍ତରା କାମ ଚାଲିଲା। ମିସ୍ତ୍ରୀ ମୂଲିଆଙ୍କ ମଜୁରୀ ଦେବାରେ ଅସୁବିଧା ହେଲେ ତାଙ୍କ ଠାରୁ ଟଙ୍କା ଧାର ଆଣି ପରେ ଶୁଝାଯାଏ। ଏପରି ଭାବେ ଘର ତିଆରି କାମ ସରିଗଲା। ତାଙ୍କର ଶାରୀରିକ ଦୁର୍ବଳତା ସତ୍ତ୍ୱେ ମଝିରେ ମଝିରେ ସେ ଆସି ସଭାସମିତିରେ ଯୋଗ ଦେଉଥିଲେ। କ୍ରମଶଃ ତାଙ୍କର ଯିବା ଆସିବା କମିଗଲା। ମାତ୍ର ଆମେ ଯାଇ ତାଙ୍କ ସହିତ ଆଲୋଚନା କରି କାର୍ଯ୍ୟ କରୁଥିଲୁ। ହେଲେ ପାଖାପାଖି ବର୍ଷେ ହେବ ସ୍ୱାସ୍ଥ୍ୟ ତାଙ୍କର ଭଲ ରହୁନଥିଲା। ସେ ତାଙ୍କ ଝିଅ ରଞ୍ଜିତା ଧଳଙ୍କ ପାଖରେ ରହୁଥିଲେ।

କଟକ ଜିଲ୍ଲାସ୍ଥ ସୁକିନ୍ଦାର ମଙ୍ଗଳପୁର ଗ୍ରାମରେ ନୀରଦପ୍ରଭାଙ୍କ ଜନ୍ମ। ମୟୂରଭଞ୍ଜ ରାଜପରିବାରର ଶ୍ରୀରବୀନ୍ଦ୍ର ନାଥ ଜିତ୍‌ବାବୁଙ୍କ ସହିତ ସେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। କଟକର ସ୍ୱନାମଧନ୍ୟ ଆଡ଼ଭୋକେଟ ଶ୍ରୀ ଦେବୀ ପ୍ରସାଦ ଧଳଙ୍କ ସହିତ ତାଙ୍କ ଝିଅ ରଞ୍ଜିତାଙ୍କର ବିବାହ ହୋଇଥିଲା। ନୀରଦପ୍ରଭା ତାଙ୍କ ଝିଅ ପାଖରେ ରହୁଥିଲେ। ମୁଁ ଓ ରଘୁବାବୁ ତାଙ୍କ ସହିତ ମଝିରେ ମଝିରେ ଦେଖା କରୁଥିଲୁ। ଆମର ଯିବା କଥା ଶୁଣିବା ମାତ୍ରେ ଉପର ମହଲାରୁ ଓହ୍ଲାଇ ଆସି ଆମ ସହିତ କଥା ହେଉଥିଲେ ନୀରଦପ୍ରଭା। ତାଙ୍କର ଜୀବନ ଶୈଳୀ ଖୁବ ମାର୍ଜିତ ଥିଲା। ପ୍ରତ୍ୟହ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସେ ପ୍ରାଣାୟାମ କରୁଥିଲେ। ସେ ଥିଲେ ମା' ଓ ଅରବିନ୍ଦଙ୍କ ଭକ୍ତ। ନିୟମିତ ଜପ ଓ ଧ୍ୟାନ କରିବାରେ ସେ ସମୟ ଅତିବାହିତ କରୁଥିଲେ। ନିଜର ପାରିବାରିକ ଅଭିଜାତ୍ୟକୁ ନେଇ ତାଙ୍କ ମନରେ ଗର୍ବ ବା ଅହଙ୍କାର ନଥିଲା। ଦୀର୍ଘଦିନ ଧରି ତାଙ୍କର ହୃଦରୋଗ ବା ହାର୍ଟଟ୍ରବଲ୍ ଥିଲା। ସେଥିପାଇଁ ସେ ନିୟମିତ ଔଷଧ ଖାଉଥିଲେ। ମାତ୍ର ତାଙ୍କର କୌଣସି ପ୍ରକାର ଅସ୍ତ୍ରୋପଚାର ହୋଇ ନଥିଲା। ଗତ ସେପ୍ଟେମ୍ବର ୧୦ ତାରିଖ ମଙ୍ଗଳବାର ରାତି ୩ଘଟିକା ୩୦ ମିନିଟରେ ତାଙ୍କର ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯିବାରୁ ସେ ଇହଧାମ ତ୍ୟାଗ କଲେ। 'ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି।' ତାଙ୍କ ମୃତ୍ୟୁରେ ସମସ୍ତ ବନ୍ଧୁବାନ୍ଧବଙ୍କ ସମେତ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ ବ୍ୟଥିତ ହୋଇଥିଲେ। କଟକ ଲେଖକ ସହଯୋଗ ସମିତି ପକ୍ଷରୁ ଶୋକସଭା କରାଯାଇ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ତାଙ୍କ ପରି ଜଣେ ପୂଣ୍ୟାତ୍ମା ନିଶ୍ଚିତ ଭାବେ ବିଭୂପଦ ପ୍ରାପ୍ତ ହେବେ ଏଥିରେ କୌଣସି ସନ୍ଦେହ ନାହିଁ।

**ଡକ୍ଟର ଗୁରୁପ୍ରସାଦ ମହାନ୍ତି,** ଆଳିପିଙ୍ଗଳ ନିବାସ, ବାଦାମବାଡ଼ି, କଟକ, ଦୂରଭାଷ: ୦୬୭୧୨୩୧୨୭୪୪

# ହାଟଡିହୀ ହାଇସ୍କୁଲର ୬୩ତମ ବାର୍ଷିକ କ୍ରୀଡା ଉତ୍ସବ



କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲା ହାଟଡିହୀ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ୬୩ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ସମ୍ମାନୀତ ଅତିଥି ଡି.ଇ.ଓ କପିଳେନ୍ଦ୍ର ମିଶ୍ର, ମୋ ସ୍କୁଲ ଅଭିଯାନ କମିଟି ସଭାପତି ମାୟାଧର ଜେନା, ହାଟଡିହୀ ସରପଂଚ ଅନୁସୂୟା ସେଠୀ, ପ୍ରଧାନ ଶିକ୍ଷକ ଶିଶିର କୁମାର କର, ପୂର୍ବତନ ଶିକ୍ଷକ କେଶବ ଚନ୍ଦ୍ର ସାହୁ ମହୋଦୟ ମଂଚାସୀନ ଥିଲେ। ବିଧାୟକ ଭାଗିରଥି ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପରମାନନ୍ଦ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ପ୍ରମୋଦ କୁମାର ବେହେରା ଖେଳ ପରିଚାଳନା କରିଥିଲେ। ୬୩ତମ ବର୍ଷିକ କ୍ରୀଡା ଉତ୍ସବରେ କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ବିଭିନ୍ନ ସମସ୍ୟା ବିଷୟରେ ବିଧାୟକ ଓ ସରପଂଚଙ୍କୁ ଅବଗତ କରାଇଥିଲେ।

## ନୂତନ ବିଡ଼ିଓଙ୍କ ଯୋଗଦାନ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲା ହାଟଡିହି ବ୍ଲକର ନୂତନ ବିଡ଼ିଓ ଭାବେ ଜୟଦେବ ଦାସ ଯୋଗଦାନ କରିଛନ୍ତି। ସେ ତୁମୁଡ଼ିବନ୍ଧ ବ୍ଲକର ବିଡ଼ିଓ ଭାବେ କାର୍ଯ୍ୟ ତୁଲାଉଥିଲେ। ସେ ଏହି ବ୍ଲକରେ ଯୋଗଦାନ କରିବା ପରେ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା ସହିତ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗୁଡ଼ିକୁ ସରକାରଙ୍କ ନୀତିନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବାକୁ ପ୍ରୟାସ କରିବେ ବୋଲି କହିଥିଲେ। ବିଭିନ୍ନ ବିଭାଗର କର୍ମଚାରୀ ଅଭାବରେ କିଭଳି ବ୍ଲକ ଏବଂ ପଂଚାୟତଗୁଡ଼ିକରେ କାର୍ଯ୍ୟ ତୁଲାଇବେ ପ୍ରସଙ୍ଗରେ ସେ କହିଥିଲେ ଜିଲାପାଳଙ୍କ ସହ ଏ ବିଷୟରେ ଆଲୋଚନା କରି ପଂଚାୟତ ସ୍ତରରେ ହେଉ କିମ୍ବା ବ୍ଲକ ସ୍ତରରେ ପଦବୀଗୁଡ଼ିକ ପୂରଣ କରିବାକୁ ଚେଷ୍ଟା କରିବେ। ତାଙ୍କ ଯୋଗଦାନକୁ ବରିଷ୍ଠ କିରାଣୀ, କେସିଅର, ଯନ୍ତ୍ରୀ, ଜିଆରଏସ ଓ ବିଭିନ୍ନ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏଠାରେ ଥିବା ବିଡ଼ିଓ ସୁଶାନ୍ତ କୁମାର ବାରିକଙ୍କର ବାଲେଶ୍ୱର ଜିଲା ସୋର ବ୍ଲକକୁ ବଦଳି ହୋଇଯାଇଛି। ସେ ତାଙ୍କୁ ଚାର୍ଜ ଦେଇଥିବା ବେଳେ ବ୍ଲକର ଥିବା ବିଭିନ୍ନ ସମସ୍ୟା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିବା କୁହାଯାଉଛି। ନୂତନ ବିଡ଼ିଓ ସ୍ୱଚ୍ଛତା ବଜାୟ ରଖିବେ ବୋଲି ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ରାଜନେତାମାନେ ଆଶା ପ୍ରକଟ କରିଛନ୍ତି।

# ଶହେ ବର୍ଷ ପୂରଣ କଲା ମଧୁବନ ପ୍ରାଥମିକ ବିଦ୍ୟାଳୟ




ମଧୁବନ (ଗଞ୍ଜାମ) (ପିଏନ୍): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ମଧୁବନ ପ୍ରାଥମିକ ବିଦ୍ୟାଳୟ ଗତ ୨୭ ତାରିଖ ଶୁକ୍ରବାର ଶତବାର୍ଷିକୀ ପୂରଣ କରିଛି। ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୧୮ ମସିହା ଡିସେମ୍ବର ୨୭ ତାରିଖରେ ମଧୁବନର ପ୍ରାତଃ ସ୍ମରଣୀୟ ବ୍ୟକ୍ତିତ୍ୱ ସତ୍ୟବାଦୀ ରଥଙ୍କ ଉଦ୍ୟମରେ ଏବଂ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଏହି ଐତିହାସିକ ଶିକ୍ଷାନୁଷ୍ଠାନଟି ପ୍ରତିଷ୍ଠିତ ହୋଇଥିଲା। ବହୁ ବର୍ଷ ଧରି ଏହି ବିଦ୍ୟାଳୟ ଆବାସିକ ବିଦ୍ୟାଳୟ ରୂପେ ଚାଲିଥିଲା ଏବଂ ଶତାଧିକ ଛାତ୍ରଙ୍କୁ ରହିବା, ଖାଇବା ବ୍ୟବସ୍ଥା କରାଯାଇଥିଲା। ସେତେବେଳେ ଶିକ୍ଷାର ପ୍ରସାର ନିମନ୍ତେ ଆଖପାଖର ପ୍ରାୟ ୨୦ଟି ଗ୍ରାମର ଶିକ୍ଷାର୍ଥୀଙ୍କ ପାଇଁ ଉକ୍ତ ବିଦ୍ୟାଳୟଟି ଏକମାତ୍ର ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠା ପାଇଥିଲା। ବିଭିନ୍ନ ଗ୍ରାମର ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟ ଉପରେ ନିର୍ଭର କରୁଥିଲେ। ବିଦ୍ୟାଳୟଟି ସେତେବେଳେ ବନ ବିଦ୍ୟାଳୟ ଭଳି ସୁଖ୍ୟାତି ଅର୍ଜନ କରିଥିଲା। ମଧୁବନର ପ୍ରାକୃତିକ ଶୋଭାରାଜି ପିଲାମାନଙ୍କୁ ଆକର୍ଷିତ କରୁଥିଲା। ଗ୍ରାମ ପାର୍ଶ୍ୱରେ ଚିର ପ୍ରବହମାନ ଘୋଡ଼ାହାଡ଼ ନଦୀ ନିକଟରେ ଉଜ୍ୱଳେଶ୍ୱର ଓ ଲୋକନାଥେଶ୍ୱର ଶୈବପୀଠ ବିଦ୍ୟମାନ ଥିବାବେଳେ ଶିକ୍ଷା କ୍ଷେତ୍ରରେ ଏହି ଗ୍ରାମ ସବୁବେଳେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଛି। ଉକ୍ତ ସ୍କୁଲରେ ଅଧ୍ୟୟନ କରିଥିବା ବହୁ ଛାତ୍ର ଦେଶ ବିଦେଶରେ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି। ମଧୁବନ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ ଗତ ବର୍ଷ ଡିସେମ୍ବର ୨୭ ତାରିଖରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ବେଳେ ଗତକାଲି ଥିଲା ଏହି ଉତ୍ସବର ଉଦଯାପନୀ ଦିବସ। ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ଆବାହକତ୍ୱରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ପୂର୍ବତନ ଛାତ୍ରଛାତ୍ରୀ, ସମାଜସେବୀ, ଶିକ୍ଷାବିତ, ଯୁବ ଛାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଅଞ୍ଚଳର ଶିକ୍ଷା ବିକାଶର ମୂକସାକ୍ଷୀ ମଧୁବନ ବିଦ୍ୟାଳୟ ଶହେ ବର୍ଷ ପୂରଣ କରିଥିବାରୁ ଖୁସି ପ୍ରକଟ କରିଥିଲେ। ଏହି ବିଦ୍ୟାଳୟ ଗଞ୍ଜାମ ଜିଲ୍ଲାର ଅନ୍ୟତମ ପ୍ରାଚୀନ ଶିକ୍ଷାନୁଷ୍ଠାନ ଭାବେ ସୁଖ୍ୟାତି ଅର୍ଜନ କରିପାରିଛି ବୋଲି ମତ ପ୍ରକାଶ ପାଇଛି। ସୂଚନାଥାଉକି, ରାଜା ପଦ୍ମନାଭ ଅନଙ୍ଗ ଭୀମଦେବଙ୍କ ନିକଟସ୍ଥ ବିଜୟନଗର ଗଡ଼ ପ୍ରତିଷ୍ଠା କରିବା ଅବସରରେ ୧୬୮୫ ମସିହାରେ ଜନୈକ ବ୍ରାହ୍ମଣ ବାସୁଦେବ ରଥଶର୍ମାଙ୍କ ପୁତ୍ର ପଣ୍ଡିତ ରଘୁନାଥ ରଥଶର୍ମା ମଧୁବନ ଗ୍ରାମର ପ୍ରଥମ ବାସିନ୍ଦା ଏବଂ ସେ ହିଁ ଗ୍ରାମର ପ୍ରତିଷ୍ଠାତା ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness newer, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଶ୍ୟାମଳ ସୁବର୍ଣ୍ଣର ସମ୍ପାଦକଙ୍କୁ ଶ୍ରେଷ୍ଠ ସ୍ତମ୍ଭକାର ସମ୍ମାନ



ପାରଳାଖେମୁଣ୍ଡି(ପିଏନ)- ସାହିତ୍ୟ ଓ ସଂସ୍କୃତି ସମାଜର ଦର୍ପଣ। ସାହିତ୍ୟ ବିନା ଗୋଟିଏ ଜାତିର ଭବିଷ୍ୟତକୁ କଳନା କରିବା ଅସମ୍ଭବ। ସୁତରାଂ ସାହିତ୍ୟକୁ ନେଇ ହିଁ ସମାଜ ଆଗକୁ ବଢ଼େ। ଏହି ପରିପ୍ରେକ୍ଷୀରେ କଟକ ସଦର ସ୍ଥିତ କନ୍ଦରପୁର ସରସ୍ୱତୀ କଳା ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ସରସ୍ୱତୀ କଳା ପରିଷଦ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି। ତିନି ଦିନ ଧରି ଚାଲିଥିବା ଏହି ଉତ୍ସବରେ ପିଲା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥାଏ। ତେବେ ଏହି ଉତ୍ସବରେ ସଭାପତି ପ୍ରତିଭା ଶତପଥୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବେଳେ ଶ୍ୟାମଳ ସୁବର୍ଣ୍ଣର ମୁଖ୍ୟ ସମ୍ପାଦକ ଡ଼ି ଶୁଭମ୍ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସରସ୍ୱତୀ କଳା ପରିଷଦ ତରଫରୁ ସମ୍ପାଦକ ଶୁଭମ୍‌ଙ୍କୁ ଶ୍ରେଷ୍ଠ ସ୍ତମ୍ଭକାର (ଜାଗରଣ ସମ୍ମାନ)ରେ ସମ୍ମାନିତ କରାଯାଇଥିଲା। ଶ୍ୟାମଳ ସୁବର୍ଣ୍ଣ ବିଗତ ଦେଢ଼ ବର୍ଷ ଧରି କୃଷି ଓ କୃଷକଙ୍କ ସେବାରେ କାର୍ଯ୍ୟକରି ଆସୁଛି। ତେବେ ଶ୍ୟାମଳ ସୁବର୍ଣ୍ଣର ଏହି କାର୍ଯ୍ୟକୁ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ବେଶ ପ୍ରଶଂସା କରାଯାଇଥିଲା। ସରସ୍ୱତୀ କଳା ପରିଷଦ ଆହୁରି ସାହିତ୍ୟ କ୍ଷେତ୍ରରେ ଆଗକୁ ଯାଉ , ସଫଳତା ସାଉଁଟୁ ବୋଲି ସମ୍ପାଦକ ଶୁଭମ ତାଙ୍କ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ।

## ବଡଭାଇର ଜିଭକୁ କାମୁଡି ଛିଣ୍ଡାଇଲା ସାନଭାଇ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ଥାନା ଲାଞ୍ଜି ଗ୍ରାମରେ ବଡଭାଇର ଜିଭକୁ କାମୁଡି ଛିଣ୍ଡାଇ ପକାଇଛି ସାନଭାଇ । ଏନେଇ ବଡଭାଇର ଏତଲା କ୍ରମେ ପୁଲିସ ସାନଭାଇକୁ ଗିରଫ କରିଛି । ସୂଚନାମତେ ଲାଞ୍ଜି ଗ୍ରାମର କାର୍ତିକ ମାଝୀଙ୍କ ୨ ପୁଅ ନେପାଲ ମାଝୀ ଏବଂ ସତ୍ୟପାଲ ମାଝୀ ଏକତ୍ର ମଦ୍ୟପାନ କରିଥିଲେ । ପରେ କୌଣସି କାରଣକୁ ନେଇ ଉଭୟେ ଘରେ ଝଗଡା କରିଥିଲେ । ଏହି ସମୟରେ ବଡଭାଇ ଅର୍ଜୁନ ମାଝୀ ଉଭୟଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ସାନଭାଇ ନେପାଲ ମାଝୀ ବଡଭାଇ ଅର୍ଜୁନ ମାଝୀଙ୍କୁ ଆକ୍ରମଣ କରି ତାଙ୍କ ଜିଭକୁ କାମୁଡି ଛିଣ୍ଡାଇ ଦେଇଥିଲେ । ଏନେଇ ଅର୍ଜୁନ ମାଝୀଙ୍କ ଏତଲା କ୍ରମେ ଖଡିଆଳ ପୁଲିସ ୩୬୩/ ୨୦୧୯ରେ ଏକ ମାମଲା ରୁଜୁ କରି ସାନଭାଇ ନେପାଲ ମାଝୀଙ୍କୁ ଗିରଫ କରିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବଡଭାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି ।

## ମିଳିତ ରକ୍ତଦାନ ଶିବିର-୨୨ ୟୁନିଟ ରକ୍ତ ସଂଗ୍ରହ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ତୁକଲା ସ୍ଥିତ କ୍ଷମାମେହେର ଡିଗ୍ରୀ କଲେଜ, ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ବିଜୁ ଯୁବ ବାହିନୀର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ସଭା କଲେଜ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ଷମା ମେହେର ଡିଗ୍ରୀ କଲେଜର ଅଧ୍ୟକ୍ଷ ଉମାକାନ୍ତ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଡଃ. ତରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ବିଜୁ ଯୁବ ବାହିନୀର ସଂଯୋଜକ ଚନ୍ଦନ ସାହୁ, ବିଜେଡି ଯୁବରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସାହିସ, ଜୋନ ସଂଯୋଜକ ଅଭିଶେକ ଜଗତ, ଅଜିତ ପଣ୍ଡା, ସଞ୍ଜୟ ନାୟକ, ବରୁଣ ବଘାର ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟର ଶିଶୁ ରୋଗ ବିଶେଷଜ୍ଞ ଡ. ମହେନ୍ଦ୍ର ମାଝୀ, ପିଏଚଇଓ ଧର୍ମେନ୍ଦ୍ର ତାଣ୍ଡି, ତୁକଲା ଡାକ୍ତରଖାନାର ଆୟୁଷ ଡକ୍ତର ମଧୁଲିକା ପଟ୍ଟନାୟକ, ନୀଳମଣି ମେହେର, ସହଦେବ ମେହେର, ହରେକୃଷ୍ଣ ମାଝୀ, ରଶ୍ମିରଞ୍ଜନ ପ୍ରଧାନ, କଲେଜର ଗୋପାଳ ଚନ୍ଦ୍ର ଦୁବେ, ହେମରାଜ ସାହୁ, ସୁଦେଶ୍ୱର ସାହୁ ଯୋଗଦାନ କରିଥିଲେ ।



ତେଲେଙ୍ଗାନା 'ଆଟ୍ ହୋମ ରିସିପସନ' କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ

### ୧୧ତମ ରାଜ୍ୟସ୍ତରୀୟ ପୁସ୍ତକମେଳା

# ଜୀବନର ପ୍ରକୃତ ବନ୍ଧୁ ହେଉଛି ପୁସ୍ତକ :ଜିଲ୍ଲାପାଳ



ଯାଜପୁର,(ପିଏନ)- ଯାଜପୁର ସଦର ମହକୁମା ଠାରେ ରାଜ୍ୟସ୍ତରୀୟ ପୁସ୍ତକ ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ପୁସ୍ତକ ମେଳାକୁ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରି ଉଦ୍‌ବୋଧନରେ କହିଥିଲେ ଜୀବନର ପ୍ରକୃତ ବନ୍ଧୁ ହେଉଛି ପୁସ୍ତକ। ପୁସ୍ତକ ଭାଷା, ସାହିତ୍ୟ ଓ ସଂସ୍କୃତିର ଶ୍ରେଷ୍ଠ ବାହାକ। ପୁସ୍ତକ ବିନା ମଣିଷ ଜୀବନ ନିରର୍ଥକ ଅଟେ। ଆମ୍ଭେ ଗୁଗୁଲ୍ ଇଣ୍ଟନେଟ୍‌ରେ ତଥ୍ୟ ପାଉଁ କିନ୍ତୁ ଭାବ ମିଳେ ନାହିଁ। ଯାହାକି ପୁସ୍ତକ ମାଧ୍ୟମରେ ଭାବ ମିଳିଥାଏ। ସେହିପରି ସଭାରେ ମୁଖ୍ୟଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଦେଷ୍ଟା ଶ୍ରୀ ଜନ୍ମେଜୟ ଲେଙ୍କା ଉଦ୍‌ବୋଧନରେ କହିଥିଲେ ଯାଜପୁରରେ ଏଭଳି ପୁସ୍ତକ ମେଳା ହେବା ସ୍ୱାଗତ ଯୋଗ୍ୟ ଅଟେ। ସଭାରେ ଅନ୍ୟତମ ବକ୍ତାଭାବେ ଯାଜପୁର ଉପ-ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ପ୍ରଫେସର ଉଦୟନାଥ ପରିଡ଼ା, ଡ଼. ସୁବ୍ରତ କୁମାର ପୃଷ୍ଟି, ତ୍ୟାଗ ସ୍ୱରୂପାନନ୍ଦଜୀ ମହାରାଜ, ବିଭୂତି ମହାପାତ୍ର, ହୃଷିକେଶ ପତି, ପାଣ୍ଡବ ସାହୁ ଉଦ୍‌ବୋଧ ଦେବା ସଙ୍ଗେ ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର ବିବରଣୀ ପାଠ କରିଥିଲେ ଏବଂ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାରେ ସଭାପତିତ୍ୱ କରିଥିଲେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ। ରାଜ୍ୟ ପୁସ୍ତକମେଳାରେ ୭୨ ଗୋଟି ଷ୍ଟଲ୍ ଖୋଲାଯିବା ସଙ୍ଗେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟ ମୂଳକ କାର୍ଯ୍ୟକ୍ରମ ଷ୍ଟଲ୍ ଦେଖିବାକୁ ମିଳିଥିଲା। ଏହା ସଙ୍ଗେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାଜପୁରର ବହୁ ଜନସାଧାରଣ ଉଦ୍‌ଘାଟନି ଉତ୍ସବରେ ଯୋଗଦେଇଥିଲେ।

# କାଗଜ କଲମରେ ଚାଲିଛି ବନ୍ତ ବ୍ଲକ୍ ସ୍ୱାସ୍ଥ୍ୟସେବା : ଡାକ୍ତରର ଅଭାବ ମୁଖ୍ୟ ସମସ୍ୟା

ଭଦ୍ରକ, (ପିଏନ୍)-ସରକାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଏହାକୁ ୫ଟିରେ ଅନ୍ତର୍ଭୁକ୍ତ କରିଥିଲେ। କିନ୍ତୁ ଭଦ୍ରକ ଜିଲା ବନ୍ତ ବ୍ଲକ୍‌ରେ ଏହାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ୍ତ ବ୍ଲକ୍ ଆଗରପଡାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବାବେଳେ ଏହା ଅଧୀନରେ କାଦବରାଙ୍ଗ, ଅଡାଳପଙ୍କ, କେନ୍ଦୁଆପଦା ଓ ବନ୍ତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ମାନ ରହିଛି। ପ୍ରାୟ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ମୁଖ୍ୟ ସମସ୍ୟା ପାଲଟିଛି। ଯଦ୍ୱାରା ଠିକ୍ ଭାବେ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ ବୋଲି ଅଭିଯୋଗ ହେଉଛି। ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ରୋଗ, ଶିଶୁ, ଅସ୍ତ୍ରୋପଚାର, ମେଡିସିନ୍ ପରି ସବୁ ବିଶେଷଜ୍ଞ ପଦବୀ ଗୁଡିକ ଖାଲି ପଡିଛି। ଏଥିସହିତ ଅନ୍ୟାନ୍ୟ ପଦବୀର ଅବସ୍ଥା ତଦ୍ରୂପ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପକ୍କାଗୃହ ଭର୍ତ୍ତି ହୋଇଥିବାବେଳେ ମାତ୍ର ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ମିଳିପାରୁନାହିଁ। ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ବନ୍ତ ବ୍ଲକ୍‌ର ସଦର ମହକୁମାରେ ଅବସ୍ଥିତ ଥିଲେ ସୁଦ୍ଧା ଭଙ୍ଗା ଆଜବେଷ୍ଟସ୍ ଘରେ ରୋଗୀ ସେବା ଚାଲିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ପ୍ରତିଷ୍ଠା ହେବାର ୬୬ ବର୍ଷ ପରେ ମଧ୍ୟ ସଫଳ ରୋଗୀ ସେବା ଯୋଗାଇବାର ବିଫଳ ହୋଇଛି। ନିଯୁକ୍ତି ପାଇଥିବା ଡାକ୍ତର ଜଣକ ସପ୍ତାହରେ ୩ ଦିନ ତାହା ପୁଣି ସକାଳ ୭ ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ବେଳେ ଅନ୍ୟ ସମୟରେ ନିଯୁକ୍ତି ପାଇଥିବା ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି। ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ୨ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୨ ଜଣ ଷ୍ଟାଫନର୍ସ ଓ ୨ ଜଣ ସହକାରୀ ଏଏନ୍‌ଏମ୍, ୨ ଜଣ ଆଟେଣ୍ଡାଣ୍ଟ ଓ ଜଣେ ଚୁକ୍ତିଭିତ୍ତିକ ଟେକ୍ନିସିଆନ୍ ଏଠାରେ ରୋଗୀ ସେବା କରୁଛନ୍ତି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ସେବା ସଂପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ୨ ମହଲା ବିଶିଷ୍ଟ ୩ଟି ବିଲ୍ଡିଂ, ୬ଟି ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ପ୍ରାୟ ୭ ବର୍ଷ ହେଲା ଚାଲିଥିଲେ ସୁଦ୍ଧା ଅଦ୍ୟାବଧି ସରିପାରିନାହିଁ। ଅନୁରୂପ ଭାବେ କାଦବରାଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଆୟୁଷ ଡାକ୍ତର ଓ ଜଣେ ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି। ଏଏନ୍‌ଏମ୍, ଝାଡୁଦାର, ଅଟେଣ୍ଡାଣ୍ଟ ପଦବୀ ଖାଲି ପଡିଛି। ଅଡାଳପଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ଡେପୁଟେସନରେ ରହିଛନ୍ତି। କେନ୍ଦୁଆପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଏନଆରଏଚ୍‌ଏମ୍ ପକ୍ଷରୁ ମଂଜୁରୀ ଅର୍ଥରେ ନୂଆ ବିଲ୍ଡିଂ ମାନ ନିର୍ମାଣ ହୋଇଥିଲେ ସୁଦ୍ଧା ଏହା ବ୍ୟବହାର ହୋଇପାରିନଥିବାରୁ ଭୂତକୋଠି ପାଲଟିଲାଣି। ଯଦି ଏହିପରି ଭାବେ ସ୍ୱାସ୍ଥ୍ୟସେବା ଚାଲେ ତେବେ ସରକାରଙ୍କ ଦ୍ୱାରା ନିୟୋଜିତ ହେଉଥିବା ଯୋଜନା କେତେ ସଫଳ ହେବ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ନିମ୍ନମାନର ପିଚୁରାସ୍ତା ନିର୍ମାଣ, ଗ୍ରାମବାସୀ ରାସ୍ତା ନିର୍ମାଣ ବନ୍ଦ କଲେ

ନୂଆପଡା, (ପିଏନ୍)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବଙ୍କାପୁର ଗ୍ରାମର ବସଷ୍ଟାଣ୍ଡ ଠାରୁ ବଙ୍କାପୁର ଗ୍ରାମ ଦେଇ ୧୦ କିଲୋମିଟର ଦୂର ରାଣିମୁଣ୍ଡା ଗ୍ରାମକୁ ନିର୍ମାଣ ହେଉଥିବା ପିଚୁରାସ୍ତା କାମ ଅତ୍ୟନ୍ତ ନିମ୍ନମାନ ହେଉଥିବା ଅଭିଯୋଗ ହେଉଛି । ଏନେଇ ଗୁରୁବାର ବଙ୍କାପୁର ଗ୍ରାମବାସୀ ପିଚୁ ରାସ୍ତା ନିର୍ମାଣ ବନ୍ଦ କରି ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନାମତେ ବଙ୍କାପୁର ଗ୍ରାମରୁ ରାଣିମୁଣ୍ଡା ଗ୍ରାମକୁ ଗତ ୧୫ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କରାଯାଇଥିଲା ।ସେହିଦିନ ଠାରୁ ମଝି ମଝିରେ ରାସ୍ତାକୁ ମରାମତୀ କରାଯାଉଥିବା ବେଳେ ଗତ ୨ ବର୍ଷରୁ ଅଧିକ ହେବ ଏହି ପିଚୁ ରାସ୍ତା ଠିକ ରହିଥିଲା । କିନ୍ତୁ ଖଡିଆଳ ପିଡବ୍ଲୁଡି ବିଭାଗ ଠିକ ଥିବା ପିଚୁ ରାସ୍ତାକୁ ନିର୍ମାଣ ଆଳରେ ପୁଣି ବିପର୍ଯ୍ୟସ୍ତ କରୁଥିବା ନେଇ ବଙ୍କାପୁର, ଚଚରାଭଟା, ରାଣିମୁଣ୍ଡା, ଆର୍ତତ୍ରାଣପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସଂପୃକ୍ତ ଠିକାଦାର ଏହି ରାସ୍ତାକୁ ଆରମ୍ଭରୁ ଅତ୍ୟନ୍ତ ନିମ୍ନମାନର କରିଥିବା ବେଳେ ଏବେ ନାମକୁ ମାତ୍ର ରାସ୍ତାରେ ପିଚୁ ଦେଇ ନିଜ ଦାୟିତ୍ୱ ସାରି ଦେବାକୁ ଚେଷ୍ଟା କରିଛନ୍ତି । ଠିକାଦାର ଜଣକ ଆରମ୍ଭରୁ ନିୟମ ଅନୁଯାୟୀ ରାସ୍ତା କାମ କରୁନଥିବା ବେଳେ ବର୍ତମାନ ପିଚୁରାସ୍ତା ନିର୍ମାଣରେ ମଧ୍ୟ ଅନିୟମିତତା କରୁଛନ୍ତି । ସେ ନାମକୁ ମାତ୍ର ୧ ଇଂଚର ପିଚୁରାସ୍ତା ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ବଙ୍କାପୁର ଗ୍ରାମରେ ନିର୍ମାଣ ହେଉଥିବା ପିଚୁରାସ୍ତା କାମକୁ ଗ୍ରାମବାସୀ ବିରୋଧ କରି ପିଚୁରାସ୍ତା ନିର୍ମାଣ କାମକୁ ବନ୍ଦ କରିଛନ୍ତି । ଏହି ନିମ୍ନମାନର ରାସ୍ତାକାମରେ ପିଡବ୍ଲୁଡି ବିଭାଗର ମଧ୍ୟ ସଂପୃକ୍ତି ରହିଥିବା ଅଭିଯୋଗ ହେଉଛି । ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଣି ଠିକ ପରିମାଣରେ ପିଚୁଦେଇ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବୀ ହେଉଛି ।

### ଅଗ୍ରଗାମୀ ଦ୍ୱାରା ଦୁଇଦିନିଆ ମାଣ୍ଡିଆଜାତୀୟ ଶସ୍ୟକୁ ନେଇ ବୈଠକ

# ପୂର୍ବପୂରୁଷଙ୍କ ଖାଦ୍ୟପ୍ରଣାଳୀକୁ ଫେରିବାର ସମୟ ଆସିଛି

କୋରାପୁଟ, (ପିଏନ): ପୂର୍ବଜମାନେ ସଠିକ୍ ଦିଗଦର୍ଶନ ଦେଉଥିଲେ । ଖାଦ୍ୟପ୍ରଣାଳୀରେ ସେମାନଙ୍କର ଭାବନା ଠିକ୍ ଥିଲା । ଆମେ ବାହାର ଲୋକଙ୍କ ଖାଦ୍ୟପ୍ରଣାଳୀ ଆପଣାଇ ରୋଗକୁ ଡାକି ଆଣିଛୁ । ଆମର ମାଣ୍ଡିଆଜାତୀୟ ଖାଦ୍ୟ ପ୍ରଣାଳୀ ବିଦେଶରେ ବେଶ୍ ଲୋକପ୍ରିୟ ହେଲାଣି । ଡାକ୍ତର କହୁଛନ୍ତି ମାଣ୍ଡିଆ ଖାଅ । ଆମକୁ ପୁଣିଥରେ ଆମର ପୂର୍ବପୂରୁଷଙ୍କ ସଂସ୍କୃତିକୁ ଗୁରୁତ୍ୱ ଦେଇ ଫେରିବାକୁ ପଡ଼ିବ ବୋଲି କୋରାପୁଟ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ତଥା ପୂର୍ବତନ କୃଷି କମିଶନର ସଦସ୍ୟ-ସଂପାଦକ ଶ୍ରୀ ଗଦାଧର ପରିଡ଼ା ମତ ଦେଇଛନ୍ତି। ଶ୍ରୀ ଅଗ୍ରଗାମୀ, କାଶୀପୁର ଏବଂ ମିଲେଟ୍ ନେଟ୍‌ୱାର୍କ, ମିନି ଇଣ୍ଡିଆର ମିଳିତ ଆନୁକୂଲ୍ୟରେ କୋରାପୁଟ ସ୍ଥିତ ଅତିଥି ଭବନର ସଭାକକ୍ଷରେ ୭୦ରୁ ଉର୍ଦ୍ଧ୍ୱ ମାଣ୍ଡିଆଜାତୀୟ ଶସ୍ୟକୁ ପ୍ରୋତ୍ସାହିତ କରୁଥିବା ମାଣ୍ଡିଆ ନାନି, ମହିଳା କୃଷକ, ଅନୁଷ୍ଠାନର କର୍ମକର୍ତ୍ତା, ନାଗରିକ ସମାଜ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ମାଣ୍ଡିଆଜାତୀୟ ଫସଲ, ଉତ୍ପାଦନ, ବ୍ୟବସାୟିକ ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଯାଇଛି । ଏହି ଦୁଇଦିନିଆ କର୍ମଶାଳାରେ ମାଣ୍ଡିଆଜାତୀୟ ଶସ୍ୟର ଗୁରୁତ୍ୱ, ଆଦିବାସୀ ଖାଦ୍ୟପୋଷଣ, ପୁଷ୍ଟିସାର ଉପରେ ସବୁବେଳେ ଗୁରୁତ୍ୱ ଦେବାର




ସମୟ ଆସିଛି ଏବଂ ମାଆମାନେ ଓ ଅନୁଷ୍ଠାନମାନେ ଏକାଠି ହୋଇ ମାଣ୍ଡିଆଜାତୀୟ ଶସ୍ୟର ପ୍ରସାର, ପ୍ରସାର ଏବଂ ଏହାର ଗୁଣାବର୍ତ୍ତାକୁ ନେଇ ଚାଷୀମାନଙ୍କୁ ବୁଝାଇବେ ବୋଲି ଶପଥ ପାଠ କରିଥିଲେ ।

ଦ୍ୱିତୀୟ ଦିବସର ଅଧିବେଶନରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଆଲୋକ କୁମାର ଆଙ୍ଗୁଳିଆ ଯୋଗ ଦେଇ ମାଲକାନଗିରି ଅଂଚଳର ବଣ୍ଡାମାନଙ୍କ ଶକ୍ତି ଓ ସାମର୍ଥ୍ୟ ସମ୍ପର୍କରେ ଉପସ୍ଥାପନ କରି କହିଥିଲେ ଯେ, ସେମାନଙ୍କ ଶକ୍ତି କେବଳ କାଙ୍ଗୁ, ମାଣ୍ଡିଆ ଆଦି ଲଘୁଦାନା ଶସ୍ୟରୁ ଖାଦ୍ୟ ରୂପେ ବ୍ୟବହାର କରି ପାଉଛନ୍ତି । ନିକଟରେ ପରବରେ ଏହା ବେଶ୍ ଲୋକପ୍ରିୟତା ହୋଇଥିଲା ବୋଲି ଶ୍ରୀ ଆଙ୍ଗୁଳିଆ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀ ୟୁମି ଡ଼ାନିଏଲ କହିଥିଲେ ଯେ, ଗ୍ରାମାଂଚଳର ମାଣ୍ଡିଆଜାତୀୟ ଶସ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ବେପାରୀଙ୍କ ଦ୍ୱାରା ବାହାରକୁ ଚାଲି ଯାଉଛି । ଶିଶୁ, ବାଳିକାମାନେ ଯେପରି ରୋଜଗାର ଉଦ୍ଦେଶ୍ୟରେ ବାହାରକୁ ନଯାଇ ନିଜ ଅଂଚଳରେ ଆତ୍ମ ନିର୍ଭରଶୀଳ ହେବେ, ସେଥିପ୍ରତି ନିଜର ବକ୍ତବ୍ୟ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍ୱେତ୍ତ୍, କୋରାପୁଟର ସଂପାଦକ ଶ୍ରୀ ବିଦ୍ୟୁତ ମହାନ୍ତି ମାଣ୍ଡିଆ ଜାତୀୟ ଖାଦ୍ୟର ଆବଶ୍ୟକତା ଦିନକୁ ଦିନ ବଢ଼ିଲାଣି । ମାଆମାନେ ଏହାକୁ ଘରୋଇ ଖାଦ୍ୟ ଭାବରେ ବ୍ୟବହାର କରିବା ସହିତ ଏହାର ଖାଦ୍ୟ ପ୍ରସ୍ତୁତ କରି ବିଭିନ୍ନ ପ୍ରକାର ରୋଜଗାର କରାଯାଇପାରିବ ବୋଲି ମତ ଦେଇଥିଲେ ।

ଦ୍ୱିତୀୟ ଦିବସରେ ମାଣ୍ଡିଆ ନାନି, ମାଣ୍ଡିଆଜାତୀୟ ଶସ୍ୟର ପ୍ରସାର ନିମନ୍ତେ ଅନ୍ୟ ଅନୁଷ୍ଠାନମାନଙ୍କୁ ସହଯୋଗ କରିବା, ମାଣ୍ଡିଆ ବ୍ୟତୀତ ଅନ୍ୟ ଲଘୁଦାନା ଶସ୍ୟଗୁଡ଼ିକର ଯେପରି ସରକର ସର୍ବନିମ୍ନ ବିକ୍ରୟ ରାଶି ସ୍ଥିର କରିବେ ଏବଂ କିଣିବେ, ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା । ଶ୍ରୀ ଅଚ୍ୟୁତ ଦାସ ନିଜର ବକ୍ତବ୍ୟରେ କହିଥିଲେ ଯେ, ଆମେ ଯେଉଁ ପ୍ରକାର କ୍ଷତି କରି ଚାଲିଛେ, ଅନେକ ବର୍ଷ ଲାଗିଯିବ ଏହାକୁ ଭରଣା କରିବା ପାଇଁ । ଆଦିବାସୀ ଏହାକୁ ଖାଇବ ନା ବିକ୍ରୀ କରିବ ! ଶ୍ରୀ ଦାସ କୃଷକ ଯେପରି ନିଜର ଖାଦ୍ୟରେ ବ୍ୟବହାର କରିବ ଏବଂ ବଳକା ଶସ୍ୟକୁ ବିକ୍ରୀ କରିବ, ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଦୁଇଦିନରେ ମାଣ୍ଡିଆ ନାନି ମାନେ ସେମାନେ କ'ଣ କ'ଣ ନିଜ ଅଂଚଳରେ କରୁଛନ୍ତି, ସେମାନେ କିପରି ଅନ୍ୟମାନଙ୍କୁ ବୁଝାଉଛନ୍ତି, ସେ ସମ୍ପର୍କରେ ନିଜର ଅନୁଭୂତିକୁ ଆଦାନପ୍ରଦାନ କରିବା ସହିତ ଏଠାରୁ ଗଲାପରେ ସେମାନେ ଅନ୍ୟ ମାଆମାନଙ୍କୁ ବୁଝାଇବେ ବୋଲି ଶପଥ କରିଥିଲେ ।

ଏହି ଦୁଇଦିନିଆ ବୈଠକର ବିଭିନ୍ନ ଅଧିବେଶନରେ କୋରାପୁଟ ମାନ୍ୟବର ସାଂସଦ ଶ୍ରୀ ସପ୍ତଗିରି ଉଲ୍ଲାକା, ଲକ୍ଷ୍ମୀପୁର ବିଧାନସଭା ସଦସ୍ୟ ଶ୍ରୀ ପ୍ରଭୁ ଜାନି, ରୋଶନ କୁମାର କାର୍ତ୍ତିକ, ଓରମାସ, ଶ୍ରୀ ପ୍ରଶାନ୍ତ ମହାନ୍ତି, ସଂପାଦକ, ନିର୍ମାଣ, ଡ. ପ୍ରୀତିଧାରା ସାମଲ, ଶ୍ରୀ ପ୍ରଶାନ୍ତ ପରିଡ଼ା, ଏମ.ଏସ.ସ୍ୱାମିନାଥନ ଫାଉଣ୍ଡେସନ, ଜୟପୁର, ଶ୍ରୀ ତାପସ କୁମାର ରାୟ, ଅତିରିକ୍ତ କୃଷି ଅଧିକାରୀ, ସମାଜକର୍ମୀ ଶ୍ରୀ ବିଦ୍ୟୁତ ମହାନ୍ତି, ସମାଜକର୍ମୀ ଶ୍ରୀ ଉମି ଡାନିଏଲ, ଡ. ଘାସିରାମ ବେହେରରା, ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଅନେକ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

# ହେମଲତା ହସ୍ପିଟାଲର ଚର୍ତୁଦଶ ବାର୍ଷିକ ଉତ୍ସବ




ଭୁବନେଶ୍ୱର,(ପିଏନ)- ଓଡିଶାର ଏକମାତ୍ର ଅଗ୍ରଣୀୟ କର୍ପୋରେଟ କର୍କଟ ରୋଗଚିକିତ୍ସା କେନ୍ଦ୍ର, ଯାହାକି ବିଗତ ୧୪ ବର୍ଷ ଧରି ସଫଳତାର ସହିତ କର୍କଟରୋଗ ଚିକିତ୍ସା ପ୍ରଦାନ କରିଆସୁଅଛି । ହେମଲତା ହସ୍ପିଟାଲର ଚର୍ତୁଦଶ ବାର୍ଷିକ ଉତ୍ସବ ଅବସରରେ ବେଙ୍ଗାଲୁରୁସ୍ଥିତ କିଦ୍‌ୱାଇ ମେଡିକାଲ ଅନଷ୍ଟାନର ପ୍ରକ୍ଷାତ୍ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର (ଡଃ.) କେ.ଗୋବିନ୍ଦ ବାବୁ ହେମଲତା ଓରେସନ ୨୭ ଡିସେମ୍ବର ସଂନ୍ଧ୍ୟାରେ ବକ୍ତବ୍ୟ ପ୍ରଦାନ କରିଥିଲେ। (MANAGEMENT OF METASTATIC BREAST CANCER) ଶିର୍ଷକ ବକ୍ତବ୍ୟ ପ୍ରସଙ୍ଗରେ ପ୍ରଫେସର (ଡଃ.) କେ.ଗୋବିନ୍ଦ ବାବୁ କର୍କଟରୋଗୀ ଚିକିତ୍ସିକଙ୍କ ଶିକ୍ଷା ଓ ବୃତି ବିଷୟରେ ଆଲୋକପାତ କରିଥିଲେ। ବହୁ କର୍କଟ ରୋଗ ବିଶେଷଜ୍ଞ ତଥା ଚିକିତ୍ସକ ବୃନ୍ଦ ଏଥିରେ ଯୋଗଦେଇ ଏହାକୁ ସଫଳ ମଣ୍ଡିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ଡଃ. ଅରବିନ୍ଦ କୁମାର ରଥ କହିଥିଲେ ଯେ ବିଗତ ୧୪ ବର୍ଷ ଧରି ଏହି କେନ୍ଦ୍ର ନିରବଛିନ୍ନ ଭାବରେଏବଂ ସୁଲଭ ମୁଲ୍ୟରେ ଅତି ଉଚ୍ଚମାନର ଯୁକ୍ତିଯୁକ୍ତ ଓ ସୁସଙ୍ଗତ ଚିକିତ୍ସା ଦେଇ ଆସୁଅଛି । ଭବିଷ୍ୟତରେ ଚିକିତ୍ସାର ସମସ୍ତପ୍ରକାର ମାନବୃଦ୍ଧି କରାଯାଇ ଏହାକୁ ସମୟ ଉପଯୋଗୀ କରାଯିବାପାଇଁ ହେମଲତା ହସ୍ପିଟାଲ ପ୍ରତିଜ୍ଞାବଦ୍ଧ ଅଟେ ।

ହେମଲତା ହସ୍ପିଟାଲ୍‌ସ ଏଣ୍ଡ ରିସର୍ଚ୍ଚ ସେନ୍ଟର ଓଡିଶାର ଅଗ୍ରଣୀୟ କର୍ପୋରେଟ କର୍କଟ ରୋଗଚିକିତ୍ସା କେନ୍ଦ୍ର, ଯାହାକି ୨୦୦୫ ମସହିାରେ ପ୍ରଥମକରି ଅତ୍ୟାଧୁନିକ ଲିନିଆକ (LINAC) ସହିତ ଆଇ.ଏମ୍.ଆର.ଟି(IMRT) ଏବଂ ସିଟିସିମୁଲେଟର ପୁର୍ବଭାରତରେ ପ୍ରଚଳନ କରିଥିଲେ, ଯାହାକି ଡଃ. ଏ.ପି.ଜେ.ଅବଦୁଲ କଲାମଙ୍କ ଦ୍ୱାରା ୨୭ ଡିସେମ୍ବର ୨୦୦୫ ମସହିାରେ ଉଦ୍‌ଘାଟିତ ହୋଇଥିଲା । ଏହା ପରଠାରୁ ନିରବଛିନ୍ନ ଭାବରେ ଏହି ହସ୍ପିଟାଲ ବିକିରଣ ଯନ୍ତ୍ର ଦ୍ୱାରା କ୍ୟାନସର ସ୍କ୍ରିନିଂ, ଡାଏଗନୋସିସ୍, କ୍ୟାନସର ସର୍ଜରି, ରେଡିଓଥେରାପି ଏବଂ କିମୋଥେରାପି ଆଦି ଚିକିତ୍ସା କ୍ଷେତ୍ରରେ ହଜାର ହଜାର ରୋଗୀଙ୍କୁ ବ୍ୟାପକ ଭାବେ ଚିକିତ୍ସା କରି ଆସୁଅଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୯ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ






# ସର୍ବଭାରତୀୟ ସିଏ ଛାତ୍ରଛାତ୍ରୀ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର(ପିଏନ) : ଦୁଇ ଦିବସୀୟ ସର୍ବଭାରତୀୟ ଚାଟାର୍ଡ଼ ଏକାଉଂଟାଟ୍ ଛାତ୍ରଛାତ୍ରୀ ସମ୍ମିଳନୀ ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଭୁବନେଶ୍ୱର ଆଇସିଏଆଇର ପୂର୍ବତନ ଚେୟାରମ୍ୟାନ୍ ସିଏ ମିହିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତାଥିଲେ ଦିଲ୍ଲୀର ସିଏ କମଳ ଗର୍ଗ। ଶ୍ରୀଯୁକ୍ତ ଗର୍ଗ ତାଙ୍କର ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ଅଡ଼ିଟ୍‌ର ବିଭିନ୍ନ ଦିଗ ଉପରେ ମୂଲ୍ୟବାନ ଶିକ୍ଷାଦାନ ପୂର୍ବକ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ସାହୁ ମଧ୍ୟ ଅନୁରୂପ ଭାଷଣ ଦେଇଥିଲେ। ରାଜସ୍ଥାନର ସିଏ ଛାତ୍ରୀ ବିଦୁଶୀ ସୋଲାଙ୍କି ଏବଂ ଭୁବନେଶ୍ୱର ଛାତ୍ରୀ ବିଦ୍ୟା ଅଗ୍ରୱାଲ ମଧ୍ୟ ଅଡ଼ିଟିଙ୍ଗ ଉପରେ



ନିଜର ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଦୁଇ ଦିବସୀୟ ସମ୍ମିଳନୀରେ ବିଭିନ୍ନ ବୈଷୟିକ ଅଧିବେଶନ ମାଧ୍ୟମରେ ବରିଷ୍ଠ ସିଏମାନେ ଛାତ୍ରଛାତ୍ରୀ ମାନଙ୍କୁ ଜିଏସ୍‌ଟି, ଆୟକର, ଅଡ଼ିଟିଙ୍ଗ, ଏକାଉଂଟିଙ୍ଗ ଉପରେ ନିଜନିଜର ଶୈକ୍ଷିକ ପରାମର୍ଶ ଦେଇଥିଲେ। ସର୍ବଶେଷରେ ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦ୍ରୀୟ ପରିଷଦ ସଭ୍ୟ ରାଜେଶ ଶର୍ମା, ଭୁବନେଶ୍ୱର ଆଇସିଏଆଇର ଅଧ୍ୟକ୍ଷ ସିଏ ସୁଜ୍ଞାନ କୁମାର ସାହୁ, ଛାତ୍ରସଂଘର ଅଧ୍ୟକ୍ଷ ସିଏ ଗୌତମ ଲେଙ୍କା, ସିଏ ବିଭୁପ୍ରସାଦ ମହାପାତ୍ର, ସିଏ ବିଶ୍ୱରଞ୍ଜନ ସୁତାର, ସିଏ ରଞ୍ଜନ କୁମାର ପୃଷ୍ଟି, ସିଏ ପ୍ରଦିପ କୁମାର ସାହୁ ପ୍ରମୂଖଙ୍କ ଉପସ୍ଥିତିରେ କେତେକ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେଶର ସମସ୍ତ ୧୭୫ ଆଇସିଏଆଇ ଶାଖାରୁ ପ୍ରାୟ ୧୦୦୦ ସିଏ ଛାତ୍ରଛାତ୍ରୀ ଏହି ଉଦ୍‌ଯାପନୀ ଓ ସମ୍ବର୍ଦ୍ଧନା ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଆଇସିଏଆଇର ବରିଷ୍ଠ କର୍ମକର୍ତା ସାଧୁଚରଣ ତ୍ରିପାଠୀ, ସନ୍ଦିପ ମିଶ୍ର, ନରେଶ ବିଶ୍ୱାଳଙ୍କ ଅଦମ୍ୟ ପ୍ରଚେଷ୍ଟାରେ ଏହି ଦୁଇ ଦିବସୀୟ ସମ୍ମିଳନୀ ସଫଳ ହୋଇଥିଲା।

## ଭିଭୋ ପକ୍ଷରୁ ୱାଇ-୧୧ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର,(ପିଏନ)-ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ୱାଇ-୧୧ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫୋନ୍ ଯୁବବର୍ଗଙ୍କ ସେଲ୍‌ଫି ଅଭ୍ୟାସକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି। ଏହାକୁ ଜ୍ଞାନକୌଶଳ, ଡିଜାଇନିଂ ଏବଂ ସାମୁହିକ ଦକ୍ଷତା ଭିତିରେ ପ୍ରସ୍ତୁତ କରାଯାଇଛି। ଏଥିରେ ଡୁଆଲ୍ ଏଆଇ ପଛ କ୍ୟାମେରା ରହିଛି। ସେଗୁଡ଼ିକ ଯଥାକ୍ରମେ ୧୩ ଏମ୍‌ପି ଏବଂ ୨ ଏମ୍‌ପି କ୍ଷମତା ବିଶିଷ୍ଟ। ଏଥିରେ ୫୦୦୦ଏମଏଏଚ୍ ବ୍ୟାଟେରୀ, ହାଲୋଫୁଲ୍ ଭିୟୁ ୧୬.୧୫ ସେମି(୬.୩୫ ଇଂଚ) ଡିସ୍‌ପ୍ଲେ ରହିଛି। ଏହାର ମୂଲ୍ୟ ୮,୯୯୦ ଟଙ୍କା ଥିବାବେଳେ ଏହା ମିନେରାଲ ବ୍ଲୁ ଏବଂ ଆଗାଟେ ରେଡ୍ ଆଦି ୨ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି।ଏହା ଆମାଜନ, ପେଟିଏମ୍ ମଲ୍, ଟାଟା କ୍ଲିକ୍ ଏବଂ ବଜାଜ ଇଏମ୍‌ଆଇ ଇ-ଷ୍ଟୋର ଆଦି ଅନ୍ ଲାଇନ୍ ପ୍ଲାଟଫର୍ମରେ ଏବଂ ଅଫଲାଇନ୍ ଅଂଶୀଦାର ତଥା ଭିଭୋ ଇଣ୍ଡିଆ ଇ-ଷ୍ଟୋରରେ ୨୦୧୯ ଡିସେମ୍ବର ୨୫ ତାରିଖଠାରୁ ଉପଲବ୍ଧ ହେବ।

## ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍‌ର ୫ମ ସଂସ୍କରଣ

ଭୁବନେଶ୍ୱର : ଏକ ଉନ୍ନତ ଆସନ୍ତାକାଲି ନିର୍ମାଣ ପାଇଁ ନିଜପ୍ରତିବଦ୍ଧତାର ଅନୁରୂପ ଟାଟା ଷ୍ଟିଲ ପକ୍ଷରୁ ୨୦୨୦ ମସିହା ଜାନୁଆରୀ ୧୨ ତାରିଖରେ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍ (ଟିଏସ୍‌ବିଏଚ୍‌ଏମ୍) ର ୫ମ ସଂସ୍କରଣ ଆୟୋଜନ କରାଯିବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆୟୋଜିତ ହେବାକୁଥିବା ଟିଏସ୍‌ବିଏଚ୍‌ଏମ୍ ୨୦୨୦ ଏକ ସୁସ୍ଥ ଓ କ୍ରିୟାଶୀଳ ଜୀବନଶୈଳୀର ପ୍ରସାର ପାଇଁ ଦେଶର ବିଭିନ୍ନ ସ୍ଥାନର ଦୌଡ଼ ପ୍ରେମୀଙ୍କୁ ଏକ ମଂଚ ପ୍ରଦାନ କରିବ। ଦୌଡ଼ ଓ କ୍ରୀଡ଼ା ପ୍ରତି ଭୁବନେଶ୍ୱର ଏବଂ ଏହାର ବାହାରୁ ଆସୁଥିବା ଲୋକମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ସେମାନଙ୍କୁ ଗୋଟିଏ ମଂଚରେ ଏକତ୍ରିତ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସରେ ଜାତୀୟ ଯୁବ ଦିବସ ଅବସରରେ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍‌ର ଆୟୋଜନ କରାଯାଇଥାଏ। ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍‌କୁ ଦେଶର ଏକ ପ୍ରମୁଖ ଦୌଡ଼ ପ୍ରତିଯୋଗିତା ଭାବେ ସ୍ଥାପିତକରିବାକୁ ଉଦ୍ୟମ କରାଯାଉଛି। ଏକ କ୍ରିୟାଶୀଳ କ୍ରୀଡ଼ା ଶୈଳୀକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ହେଉଥିବା ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍‌ରେ ପ୍ରତ୍ୟେକ ବର୍ଷ ପ୍ରତିଯୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି ଅବସରରେ ଟାଟା ଷ୍ଟିଲ କର୍ପୋରେଟ୍ ସର୍ଭିସେସ୍ ଭାଇସ ପ୍ରେସିଡେଣ୍ଟ ଶ୍ରୀ ଚାଣକ୍ୟ ଚୌଧୁରୀ କହିଛନ୍ତି, 'ଓଡ଼ିଶା ସରକାରଙ୍କ ସହ ମିଶି ଆଉ ଥରେ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍ ଆୟୋଜନ କରୁଥିବାରୁ ଆମେ ଆନନ୍ଦିତ। ପ୍ରତ୍ୟେକ ବର୍ଷ ଏହି ପ୍ରତିଯୋଗିତାର ଲୋକପ୍ରିୟତା ବୃଦ୍ଧି ପାଉଥିବାବେଳେ ଏହି ପ୍ରମୁଖ କାର୍ଯ୍ୟକ୍ରମର ଦୌଡ଼ ଅଭିଜ୍ଞତାରେ ଉନ୍ନତି ଆଣିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ। ଉକ୍ତ ପ୍ରତିଯୋଗିତାରେ ଅଧିକରୁ ଅଧିକ ଲୋକ ଅଂଶଗ୍ରହଣ କରିବେ ବୋଲି ଆଶା କରୁଛୁ'। ଏହି ଅବସରରେ ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କର କ୍ରୀଡ଼ା ପ୍ରତି ଅଙ୍ଗୀକାରବଦ୍ଧତାସମ୍ବନ୍ଧରେ ଶ୍ରୀ ଚୌଧୁରୀ କହିଥିଲେ। 'ଭୁବନେଶ୍ୱରକୁ ଦେଶର ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ବିକଶିତ ହେବାର ଦେଖି ବହୁତ ଖୁସି ଲାଗୁଛି'।

## ୱାଲମାର୍ଟ ଅଭିବୃଦ୍ଧି ବଢ଼ାଇବା ଓ ନୂଆ ବଜାରରେ ପହଞ୍ଚିବା ଲକ୍ଷ୍ୟରେ ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଅଧିକ ସଶକ୍ତ କରିଛି

ନୂଆଦିଲ୍ଲୀ: ୱାଲମାର୍ଟ ଆଇଏନ୍‌ସି (ଏନ୍‌ୱାଇଏସ୍‌ଇ:ଡବ୍ଲ୍ୟୁଏମ୍‌ଟି) ପକ୍ଷରୁ ଆଜି ଏହାର ଆ'ର୍ଜାତୀୟ ସପ୍ଲାଇ ଚେନ୍‌ଗୁଡ଼ିକ ପାଇଁ 'ମେକ୍ ଇନ୍ ଇଣ୍ଡିଆ'ରେ ୫୦,୦୦୦ ଭାରତୀୟ କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରଶିକ୍ଷିତ ଓ ପ୍ରସ୍ତୁତ କରିବା ଲାଗି ୱାଲ୍‌ମାର୍ଟ ବୃଦ୍ଧି ଯୋଗାଣକର୍ତ୍ତା ବିକାଶ କାର୍ଯ୍ୟକ୍ରମ (ୱାଲ୍‌ମାର୍ଟ ବୃଦ୍ଧି)ର ଘୋଷଣା କରିଛି। ୱାଲ୍‌ମାର୍ଟ ବୃଦ୍ଧି ଆନ୍ତର୍ଜାତୀୟ ଅର୍ଥବ୍ୟବସ୍ଥାରେ ଘରୋଇ କ୍ଷମତା ଓ ଅଂଶଗ୍ରହଣକୁ ଅଧିକ ବ୍ୟାପକ କରିବା ପାଇଁ ସକ୍ରିୟ ଭାବେ ଭାରତର ମାଇକ୍ରୋ, କ୍ଷୁଦ୍ର ଓ ମଧ୍ୟମ ଆକାରର ଉଦ୍ୟମ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ସହ କାର୍ଯ୍ୟ କରିବ। ଆଗକୁ ବଢ଼ିବାର ଇଚ୍ଛା ଓ ଦକ୍ଷତା ଥିବା ଯୋଗାଣକର୍ତ୍ତାମାନେ ୱାଲ୍‌ମାର୍ଟ ବୃଦ୍ଧି ମାଧ୍ୟମରେ ସେମାନେ ଆବଶ୍ୟକ କରୁଥିବା ଉପକରଣ ପାଇପାରିବେ। ଗତ ୫ ବର୍ଷ ମଧ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଏହି କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଭାବେ ବ୍ୟକ୍ତିଗତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିସହିତ ସେମାନଙ୍କୁ ବିଶେଷଜ୍ଞମାନଙ୍କ ପରାମର୍ଶ ମିଳିବା ସହ ୱାଲ୍‌ମାର୍ଟର ଗଭୀର ଆନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିବାର ସୁବିଧା ଓ ସେମାନଙ୍କର ସ୍ଥାନୀୟ ସମୁଦାୟ ମଧ୍ୟରେ ସହଯୋଗୀ ଓ ମେଣ୍ଟରମାନଙ୍କୁ ଏକ ନେଟ୍‌ୱର୍କ ସୁବିଧା ପ୍ରଦାନ କରାଯିବ।ଅଂଶଗ୍ରହଣକାରୀଙ୍କୁ ଦକ୍ଷତାର ସହ ଫ୍ଲିପ୍‌କାର୍ଟ, ୱାଲ୍‌ମାର୍ଟ ଗ୍ଲୋବାଲ ସୋର୍ସିଙ୍ଗ୍ ଓ ୱାଲ୍‌ମାର୍ଟ ଇଣ୍ଡିଆର ସପ୍ଲାଇ ଚେନ୍ କିମ୍ବା ଅନ୍ୟ ଘରୋଇ ଓ ଆନ୍ତର୍ଜାତୀୟ କମ୍ପାନୀଗୁଡ଼ିକର ଅଂଶ ହେବା ପାଇଁ ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଇ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବିକାଶ ପାଇଁ ପ୍ରସ୍ତୁତ କରାଯିବ।ଆଜି ନୂଆଦିଲ୍ଲୀଠାରେ ୱାଲ୍‌ମାର୍ଟ ବୃଦ୍ଧିର ଘୋଷଣା କରି ୱାଲ୍‌ମାର୍ଟ ଇଣ୍ଟରନ୍ୟାସ୍‌ନାଲର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଜୁଡିଥ୍ ମ୍ୟାକ୍‌କେନ୍ନା କହିଛନ୍ତି ଯେ, ' ଏହି ବୃଦ୍ଧି କାର୍ଯ୍ୟକ୍ରମ କେବଳ ଫ୍ଲିପ୍‌କାର୍ଟ ଓ ୱାଲ୍‌ମାର୍ଟର ସପ୍ଲାଇ ଚେନ୍ ପର୍ଯ୍ୟନ୍ତ ସୀମିତ ନରହି ବିଶ୍ୱବ୍ୟାପୀ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଗ୍ରାହକଙ୍କ ପାଇଁ ଭାରତୀୟ ଯୋଗାଣକର୍ତ୍ତା ମାନଙ୍କୁ ପ୍ରୋତ୍ସାହିତ କରିବ।

## ଡିଜିଟାଲ୍ ପରବର୍ତି ଯୁଗରେ (କ୍ୱାଂଟମ ଯୁଗ) ତିଷ୍ଠି ରହିବା ଲାଗି ଶିଳ୍ପକୁ ପ୍ରସ୍ତୁତ କରୁଛି ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ୍-ସମ୍ବଲପୁର

ଭୁବନେଶ୍ୱର: ଦେଶର ନୂଆ ପିଢ଼ିର ଆଇଆଇଏମ୍‌ଗୁଡ଼ିକ ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅଭିନବ ମ୍ୟାନେଜମେଂଟ୍ ଅନୁଷ୍ଠାନ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ୍-ସମ୍ବଲପୁର ପକ୍ଷରୁ ୧୩ତମ ବାର୍ଷିକ ଆଇଏସ୍‌ଡିଏସ୍‌ଆଇ ସମ୍ମିଳନୀ ଆୟୋଜନ କରାଯାଇଛି ଯାହା ହେଉଛି ଇଣ୍ଡିଆନ ସବକଂଟିନେଂଟ୍ ଡିସିସନ୍ ସାଇନ୍‌ସେସ୍ ଇନଷ୍ଟିଚ୍ୟୁଟ୍ (ଆଇଏସ୍‌ଡିଏସ୍‌ଆଇ)ର ଆ'ର୍ଜାତିକ ସମ୍ମିଳନୀ। ଏହି ତିନିଦିନିଆ ସମ୍ମିଳନୀର ବିଷୟବସ୍ତୁ ହେଉଛି 'ଡିଜିଟାଲ ପରବର୍ତି ଯୁଗରେ ଶିଳ୍ପ ପରିବର୍ତନର ପରିଚାଳନା'। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିକ୍ଷାବିତ, ଗବେଷକ ଏବଂ ପ୍ରାକ୍ଟିସନର୍‌ମାନଙ୍କୁ ଗବେଷଣା ଉପସ୍ଥାପନ କରିବା ଲାଗି ଏକ ମଂଚ ପ୍ରଦାନ କରିବା, ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ରହୁଥିବା ଆହ୍ୱାନ, ସୁଯୋଗ, ଉଦୀୟମାନ ରଣନୀତି ଏବଂ ଆନାଲିଟିକ୍ସ ଟୁଲସ୍ ଓ ପଦ୍ଧତି ଉପରେ ଗଭୀର ଜ୍ଞାନ ପ୍ରଦାନ କରିବା ଏବଂ ଅଭିନବ ଚିଂାଧାରା ଓ ଫଳାଫଳର ସନ୍ଧାନ କରିବା ଏବଂ ଅନୁଭୂତି ବାଂଟିବା। ଏହି ସମ୍ମିଳନୀରେ ଭାରତ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ୟୁରୋପ, ନ୍ୟୁଜିଲ୍ୟାଣ୍ଡ୍ ଓ ଦକ୍ଷିଣ ଆଫ୍ରିକାର ୩୦୦ରୁ ଅଧିକ ପ୍ରଫେସର, ସ୍କଲାର୍ ଓ ଶିଳ୍ପ ପ୍ରବନ୍ଧକ ଯୋଗ ଦେଇଥିଲେ। ଏହି ତିନିଦିନିଆ ସମ୍ମିଳନୀରେ ୨୦୦ରୁ ଅଧିକ ଗବେଷଣା ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା। ଭାରତରୁ ଅଂଶଗ୍ରହଣ




କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ରହିଥିଲେ ବିଭିନ୍ନ ଆଇଆଇଏମ୍, ଆଇଏସ୍‌ବି, ଏମ୍‌ଡିଆଇ, ବିଭିନ୍ନ ଆଇଆଇଟି, ଜେଏନୟୁ, ବିଭିନ୍ନ ଏନ୍‌ଆଇଟି ଓ ଏକ୍ସଏଲ୍‌ଆରଆଇର ନିର୍ଦ୍ଦେଶକ ଓ ଡିନ୍‌ମାନେ। ଏହି ଅବସରରେ ପ୍ରଫେସର ମହାଦେଓ ଜୈସ୍‌ୱାଲ, ସଭାପତି, ଆଇଏସ୍‌ଡିଏସ୍‌ଆଇ ଓ ନିର୍ଦ୍ଦେଶକ, ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ୍ ସମ୍ବଲପୁର କହିଛନ୍ତି ଯେ, 'ସାରା ଦୁନିଆ ଏବେ ଡିଜିଟାଲ୍‌ରୁ ଡିଜିଟାଲ୍ ପରବର୍ତି ଯୁଗ ଆଡ଼କୁ ଗତି କରୁଛି। ଆଧୁନିକ ଓ ଅଭିନବ ପ୍ରଯୁକ୍ତି ଆମର ପରୀକ୍ଷା ନେବ ଏବଂ ଆମ ପାଇଁ ନୂଆ ଓ ଜଟିଳ ଆହ୍ୱାନ ସୃଷ୍ଟି କରିବ। ପ୍ରଯୁକ୍ତିର ଅଭ୍ୟୁଦୟ ସହିତ, ଏହି ଯୁଗରେ ତିଷ୍ଠି ରହିବା ଲାଗି ଆମକୁ ମଧ୍ୟ ନିଜକୁ ପୁନଃ ଆବିଷ୍କାର କରିବାକୁ ହେବ। ଆଇଆଇଏମ୍ ସମ୍ବଲପୁରର ଗବେଷଣା ୩ ଡି' (ଡିଜିଟାଲାଇଜେସନ୍, ଡି-କାର୍ବନାଇଜେସନ୍ ଓ ବ୍ୟବସାୟର ଡେମୋକ୍ରାଟାଇଜେସନ୍) ଉପରେ ପର୍ଯ୍ୟବେସିତ ଯାହା ପ୍ରମୁଖ ବିଷୟବସ୍ତୁ ସହିତ ବେଶ ଖାପଖାଉଛି। ଏହି ସମ୍ମିଳନୀ ଶିଳ୍ପକୁ ବର୍ତମାନ ଏବଂ ଭବିଷ୍ୟତର ବିକାଶ ଉପରେ ଅପ୍‌ଡେଟ୍ ରଖିବା ଏବଂ ଆମେ ପ୍ରବେଶ କରିବାକୁ ଯାଉଥିବା ଗୁରୁତ୍ୱପୂର୍ଣ୍ଣ ସମୟକୁ ନେଇ ସମସ୍ତ ଅଂଶୀଦାରଙ୍କୁ ପ୍ରସ୍ତୁତ କରିବାରେ ସହାୟକ ହେବ। ଡିଜିଟାଲ ପରବର୍ତି ଯୁଗରେ କ୍ୱାଂଟମ୍ କମ୍ପ୍ୟୁଟିଂ, ବ୍ଲକ୍ ଚେନ୍ ସିଷ୍ଟମ୍ ଓ ବିଟ୍ କଏନ୍ ମୁଦ୍ରା ଦେଖିବାକୁ ମିଳିବ ଏବଂ ଏସବୁ ଶିଳ୍ପ ସମେତ ପରିଚାଳନା ଏବଂ ପ୍ରଶାସନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତନ ଆଣିବ। ଡିଜିଟାଲ ପରବର୍ତି ଯୁଗରେ ପ୍ରାସଙ୍ଗିକ ରହିବା ଲାଗି ବିଶ୍ୱବିଦ୍ୟାଳୟ, ମ୍ୟାନେଜ୍‌ମେଂଟ ଅନୁଷ୍ଠାନ ଏବଂ ଶିଳ୍ପକୁ ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତନ ଲାଗି ନିଜକୁ ବ୍ୟବସ୍ଥିତ କରିବାକୁ ପଡ଼ିବ।'' ଏହି ତିନି ଦିନିଆ ସମ୍ମିଳନୀରେ କର୍ମଶାଳା, ପ୍ୟାନେଲ୍ ଆଲୋଚନା ଏବଂ ସାରା ବିଶ୍ୱ ଏବଂ ଦେଶରୁ ଆସିଥିବା ଅତିଥିମାନଙ୍କ ପ୍ରମୁଖ ବକ୍ତବ୍ୟ ଆୟୋଜନ କରାଯାଇଥିଲା। ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଥିଲେ ପ୍ରଫେସର ରୋନାଲ୍ଡ ଉହଲିଗ୍, ନ୍ୟାସନାଲ୍ କଲେଜ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍, ସାନ୍ ଡିଗୋ, ଯୁକ୍ତରାଷ୍ଟ୍ର ଆମେରିକା, ପ୍ରଫେସର ଆଂଟୋନି ପୌଲରାଜ, ଏଂଟ୍ରପ୍ରେନ୍ୟୁଅରସିପ୍, ମାର୍କେଟିଂ ଏବଂ ମ୍ୟାନେଜମେଂଟ ସିଷ୍ଟମସ୍ ବିଭାଗ, ନଂଟିଙ୍ଗହାମ ୟୁନିଭର୍ସିଟି ବିଜନେସ୍ ସ୍କୁଲ, ଚୀନ୍, ପ୍ରଫେସର ବିଜୟ ଆର କନନ, ସଭାପତି, ଡିସିସନ୍ ସାଇନ୍ସ ଇନଷ୍ଟିଚ୍ୟୁଟ୍, ୟୁଏସ୍‌ଏ, ଶ୍ରୀଯୁକ୍ତ ଅନୁରାଗ ବାତ୍ରା, ଅଧ୍ୟକ୍ଷ ଓ ମୁଖ୍ୟ ସଂପାଦକ, ବିଜ୍‌ୱ୍ଲ ବିଜନେସ ୱାର୍ଲଡ, ପ୍ରଫେସର ରୁନା ସରକାର, ଆଇଆଇଏମ୍ କାଲକାଟା, ପ୍ରଫେସର କମଲେଶ ମେହତା, ନ୍ୟାସ୍‌ନାଲ ୟୁନିଭର୍ସିଟି, ସାନ୍ ଡିଗୋ, ୟୁଏସ୍‌ଏ, ପ୍ରଫେସର ରାମଚନ୍ଦ୍ରନ ନଟରାଜନ, କଲେଜ ଅଫ୍ ବିଜନେସ୍, ଟେନେସି ଟେକ୍ ୟୁନିଭର୍ସିଟି କୁକଭିଲେ, ୟୁଏସ୍‌ଏ, ପ୍ରଫେସର ଅରୁଣ ଏଲିଆସ୍, ଭିକ୍ଟୋରିଆ ବିଜନେସ୍ ସ୍କୁଲ, ନ୍ୟୁଜିଲ୍ୟାଣ୍ଡ, ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ, ଆଇପିଏସ୍, କଟକ ଓ ଭୁବନେଶ୍ୱର ପୁଲିସ କମିସନର, ପ୍ରଫେସର ବି ମୈତ୍ରୀ, ନିର୍ଦ୍ଦେଶକ, ଆଇଆଇଏମ୍ ତ୍ରିଚି, ପ୍ରଫେସର ଭାରତ ଭାସ୍କର, ନିର୍ଦ୍ଦେଶକ, ଆଇଆଇଏମ୍ ରାୟପୁର ଓ ପ୍ରଫେସର ଚନ୍ଦନ ଚୌଧୁରୀ, ବରିଷ୍ଠ ସହକାରୀ ଡିନ, ଆଇଏସ୍‌ବି ହାଇଦ୍ରାବାଦ। ସମସ୍ତ ଅଧିବେଶନ ପ୍ରମୁଖ ବିଷୟବସ୍ତୁ ଉପରେ ପର୍ଯ୍ୟବେସିତ ରହିଥିଲା ଏବଂ ଡିଜିଟାଲ ପରବର୍ତି ଯୁଗରେ କିଭଳି ତିଷ୍ଠି ରହିହେବ ତାହାକୁ ନେଇ ମ୍ୟାନେଜମେଂଟ୍ ଅନୁଷ୍ଠାନ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଥିଲା ଏବଂ ଏହି ଯୁଗରେ ବି ସ୍କୁଲଗୁଡ଼ିକଭର ଭୂମିକା ଉପରେ ଆଲୋକପାତ କରିଥିଲା। ନେତୃବୃନ୍ଦମାନେ ଉପଲବ୍ଧ ସମ୍ବଳକୁ ବିନିଯୋଗ କରି କିଭଳି ପାରମ୍ପରିକ ଦକ୍ଷତାକୁ ବ୍ୟବହାର କରିବେ ଏବଂ ଦକ୍ଷତାକୁ ପୂର୍ଣ୍ଣ ବିନିଯୋଗ କରିବା ଉପରେ ଅଧିବେଶନରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିପାଇଁ ଦରକାର ନୂଆ ଭାବନା, ପରିବର୍ତିତ ବଜାରକୁ ବୁଝିବା, ନୂତନ ରଣନୀତି ଦିଗ ନିର୍ଦ୍ଧାରଣ କରିବା ଏବଂ ଲୋକମାନଙ୍କୁ ସଶକ୍ତ କରିବା। ନିଜ ଲକ୍ଷ୍ୟ ଅନୁସାରେ ବଜାରକୁ ପୁର୍ନଗଠିତ କରିବା ଏବଂ ଅଧିକ ପ୍ରସଙ୍ଗିକ ଏବଂ ଅନୁପ୍ରାଣିତ କରିବା ଭଳି ଢଙ୍ଗରେ ନୂତନ ବଜାର ଏବଂ ପ୍ରଯୁକ୍ତିର ସମ୍ଭାବ୍ୟ ସୁଯୋଗକୁ ହାସଲ କରିବା ଲାଗି ନେତୃବୃନ୍ଦଙ୍କୁ କିଛି ବଡ଼ ଏବଂ ଭିନ୍ନ ଚିନ୍ତା କରିବାକୁ ପଡ଼ିବ।

# ସ୍ନେହୀ ସମାଜର ୫୧ତମ ସାଧାରଣ ଅଧିବେଶନ



ଭୁବନେଶ୍ୱର : ସ୍ନେହୀ ସମାଜର ୫୧ତମ ସାଧାରଣ ଅଧିବେଶନ ସ୍ଥାନୀୟ ଭଞ୍ଜ କଳା ମଣ୍ଡପ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହାକୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଙ୍କ ଅଭିଭାଷଣରେ କହିଥିଲେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ସୁଯୋଗ ନେବା ସହ ରାଜ୍ୟକୁ ଉନ୍ନତି ପଥରେ ଆଗେଇ ନେବା ସମାଜରେ ଆମ ସମସ୍ତଙ୍କର କର୍ତ୍ତବ୍ୟ। ସେ ମଧ୍ୟ ସ୍ନେହୀ ସମାଜର ଏକତା, ସମାଜ ମଙ୍ଗଳ କାର୍ଯ୍ୟକ୍ରମ, ସେମାନଙ୍କର ଶାନ୍ତି, କର୍ତ୍ତବ୍ୟପୂର୍ଣ୍ଣ, ଦାୟିତ୍ୱବାନ କୌଳିକ ଜୀବନ ଜିବୀକା ନିର୍ବାହର ଭୂୟସୀ ପ୍ରସଂଶା କରିବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମୂଖ୍ୟ ବକ୍ତା ତଥା ପ୍ରାକ୍ତନ ରେଭେନ୍‌ସା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅନନ୍ତ ଚରଣ ସାହୁ ତାଙ୍କ ଭାଷଣରେ ଏହି ସମାଜର ମୂଳ ଜିବୀକା "ବାଣିଜ୍ୟେ ବସନ୍ତି ଲକ୍ଷ୍ମୀ" ବୋଲି ବର୍ଣ୍ଣନା କରିବା ସହ ଏମାନଙ୍କର ବୈଶ୍ୟ କର୍ତ୍ତବ୍ୟ ପରାୟଣତା ଉପରେ ଆଲୋକପାତ କରିଥିଲେ। ଏହି ସମାଜର ସାଧବ ପୁଅମାନେ କିପରି ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ବିଦେଶକୁ ବୋଇତରେ ଯାଇ ସଫଳ ବେପାର କରିପାରିଥିଲେ, ସେ ବିଷୟ ମଧ୍ୟ ସମସ୍ତଙ୍କୁ ସ୍ମରଣ କରାଇଦେଇଥିଲେ। ସମସ୍ତ ଅତିଥିଙ୍କ ଗହଣରେ ବାର୍ଷିକ ସ୍ମରଣିକା "ସ୍ନେହୀ ସନ୍ଦେଶ" ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଇଂ ଦାମୋଦର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧିବେଶନରେ ସଭାପତି ବିଶ୍ୱନାଥ ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ହାଇକୋର୍ଟର ବରିଷ୍ଠ ଆଇନଜୀବି ସତ୍ୟନାରାୟଣ ସାହୁ, ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଜଗଦିଶ ପ୍ରସାଦ ସାହୁ, ଇଂ. ସୁରେଶ ଚନ୍ଦ୍ର ସାହୁଙ୍କୁ 'ସ୍ନେହୀ ଗୌରବ' ଓ ସାଇ ପ୍ରିୟଙ୍କା ଚୌଧୁରୀଙ୍କୁ 'ସ୍ନେହୀ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ଅନେକ ଛାତ୍ରଛାତ୍ରୀ ଓ ଦିବ୍ୟାଙ୍ଗ ପିଲାମାନଙ୍କୁ ଆର୍ଥିକ ଅନୁଦାନ ସହ ପୁରସ୍କୃତ କରାଯାଇଥିଲା। ସାଧାରଣ ସଂପାଦକ ଡ଼ଃ ଅନନ୍ତ ଚରଣ ସାହୁ, କୋଷାଧ୍ୟକ୍ଷ ଜୟକୃଷ୍ଣ ସାହୁ ପ୍ରମୁଖ ଉକ୍ତ ଅଧିବେଶନରେ ଉପସ୍ଥିତ ଥିଲେ। ସାଂସ୍କୃତିକ ସଂପାଦିକା ଶ୍ରୀମତୀ ବିଣାପାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଉଭୟ ମଞ୍ଚ ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ସୁଚାରୁ ରୂପେ ପରିଚାଳିତ ହୋଇଥିଲା।

## ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ପୁଟୁଡ଼ି ଜଳପ୍ରପାତ

କନ୍ଧମାଳ : ବଣପାହାଡ଼ ଘେରା ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ରହିଛି ପୁଟୁଡ଼ି ଜଳପ୍ରପାତ। ଫୁଲବାଣୀ ସହର ଠାରୁ ମାତ୍ର ୧୫ କିମି ଦୂରରେ ଅବସ୍ଥିତ ଏହି ଜଳପ୍ରପାତ। ଏଠାକୁ ଜିଲ୍ଲା ଓ ଜିଲ୍ଲା ବାହାରର ହଜାର ହଜାର ପର୍ଯ୍ୟଟକ ପ୍ରାକୃତିକ ପରିବେଶ ଉପଭୋଗ କରିବାସହ ବଣଭୋଜି କରିବାକୁ ଆସିଥାନ୍ତି।

# ରୋଟାରୀ ଫୋକସ୍‌ରେ ଓଡ଼ିଶା : ଡିଜି ଦେବାଶିଷ ମିଶ୍ର




ଭୁବନେଶ୍ୱର: ଭୁବନେଶ୍ୱରସ୍ଥିତ ରେଲ୍‌ୱେ ଅଡ଼ିଟୋରିୟମରେ ଦ୍ୱିଦିବସୀୟ ରୋଟାରୀ ଜିଲ୍ଲା ସମ୍ମିଳନୀ 'ଏକ୍ସଲ' ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀକୁ ଆରଆଇପିଆର ବଂଶୀ ଧୁରନ୍ଧର ଓ ଜିଲ୍ଲା ଗଭର୍ଣ୍ଣର ଦେବାଶିଷ ମିଶ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ମିଶ୍ର କହିଥିଲେ ଯେ, ଓଡ଼ିଶାର ସମଗ୍ର ଜିଲ୍ଲାରେ ରୋଟାରୀ ୯୨ଗୋଟି କ୍ଲବ ମାଧ୍ୟମରେ ଭିନ୍ନ ଭିନ୍ନ ସେବା ଯୋଗାଇ ଦେଉଛି ଏବଂ ରୋଟାରୀ ସେବାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏହି ଦୁଇଦିନିଆ ସମ୍ମିଳନୀ ଅଭିପ୍ରେତ। ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଶ୍ରୀ ମିଶ୍ର ସୂଚନା ଦେଇଥିଲେ ଯେ, ତାଙ୍କ କାର୍ଯ୍ୟକାଳରେ ରାଜ୍ୟର ୧୦୦ ଗୋଟି ସରକାରୀ ସ୍କୁଲ୍‌ରେ 'ଜଳଧାରା' ଯୋଜନା ଅନ୍ତର୍ଗତ ଶୁଦ୍ଧ ପାନୀୟ ଜଳ ଯୋଗାଣ ଯନ୍ତ୍ର ଯୋଗାଇ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ସରକାରୀ ସ୍କୁଲ୍‌ରେ ୧୦ ହଜାର ବେଞ୍ଚ ଓ ଡ଼େକ୍ସ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରାଜ୍ୟରେ ରୋଟାରୀ ଦ୍ୱାରା ପରିଚାଳିତ ୫ ଗୋଟି ଚକ୍ଷୁ ଚିକିତ୍ସାଳୟ ଜରିଆରେ ୧ ଲକ୍ଷ ୨୦ ହଜାର ବୃଦ୍ଧବୃଦ୍ଧାଙ୍କୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି। ଆଗାମୀ ଦୁଇମାସ ମଧ୍ୟରେ ୨୫ଗୋଟି ସରକାରୀ ଡ଼ାକ୍ତରଖାନାରେ ମେଗା ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରିବାର ପ୍ରୟାସ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସେ ଆହୁରି କହିଥିଲେ ଚଳିତବର୍ଷ ଆନ୍ତର୍ଜାତିକ ରୋଟାରୀ କାର୍ଯ୍ୟାଳୟ ଓଡ଼ିଶାକୁ ଅଧିକ ସେବା ଯୋଗାଇ ଦେବା ପାଇଁ ଫୋକସରେ ରଖିଛନ୍ତି। ସମ୍ମିଳନୀରେ ଉପସ୍ଥିତ ଥିବା ଜିଲ୍ଲା ପବ୍ଲିକ ଇମେଜ ଅଧ୍ୟକ୍ଷ ବିଭୂତି ଭୂଷଣ କର କହିଥିଲେ ଯେ, ଜିଲ୍ଲା ଗଭର୍ଣ୍ଣର ଦେବାଶିଷ ମିଶ୍ରଙ୍କ ସମୟରେ ରୋଟାରୀ ଓଡ଼ିଶାରେ ବଞ୍ଚିତ ବର୍ଗଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ଓ ସଚେତନତା କ୍ଷେତ୍ରରେ ଅଧିକ ସମ୍ବେଦନଶୀଳତା ସହକାରେ ଲକ୍ଷ୍ୟଭେଦୀ ପ୍ରୟାସ ଜାରି ରଖିଛନ୍ତି। ଏହି ଅବସରରେ ଓଡ଼ିଶାରେ ରୋଟାରୀ ସେବାକୁ ଅଧିକ ବ୍ୟପକ ଓ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ଶ୍ରୀ ମିଶ୍ର ଆନ୍ତର୍ଜାତିକ ରୋଟାରୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୫ଗୋଟି ନୂତନ କ୍ଲବର ନାମ ଘୋଷଣା କରିଥିଲେ।ଏହି ଅବସରରେ ଅବସରପ୍ରାପ୍ତ ଓ.ଏ.ଏସ୍ ଅଧିକାରୀ ନାରାୟଣ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏଲ୍‌ଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ୍ ଲିମିଟେଡ (ଏଲଟିଟିଏସ୍) ପକ୍ଷରୁ ସାମୁଦ୍ରିକ ଝଡ଼ବାତ୍ୟା ଫନି ଦ୍ୱାରା ପ୍ରଭାବିତଙ୍କ ପାଇଁ ଏକ ସିଏସ୍‌ଆର୍ କାର୍ଯ୍ୟକ୍ରମ-ପ୍ରୋଜେକ୍ଟ ନୀଳାଚଳର ଶୁଭାରମ୍ଭ କରାଯାଇଛି

ପୁରୀ/ଭୁବନେଶ୍ୱର : ବିଶ୍ୱ ସ୍ତରୀୟ ଇଞ୍ଜିନିୟରିଂ ସର୍ଭିସେସ କଂପାନି ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ ଲିମିଟେଡ (ଏନଏସଇ:ଏଲଟିଟିଏସ) ପକ୍ଷରୁ ସାମୁଦ୍ରିକ ଝଡ଼ବାତ୍ୟା ଫନି ଦ୍ୱାରା ପ୍ରଭାବିତ ହୋଇଥିବା ଲୋକମାନଙ୍କୁ ବିପର୍ଯ୍ୟୟ ସହନଶୀଳ ରହଣୀ ବାସସ୍ଥାନ ପ୍ରଦାନ କରିବା ଲାଗି ଏକ ସିଏସଆର କାର୍ଯ୍ୟକ୍ରମ ପ୍ରୋଜେକ୍ଟ ନୀଳାଚଳର ଶୁଭାରମ୍ଭ କରାଯାଇଛି।ପୁରୀର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବଲୱ୍ଦ ସିଂହଙ୍କ ସହିତ ଏଲଟିଟିଏସର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଡକ୍ଟର କେଶବ ପଣ୍ଡା ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରୋଜେକ୍ଟ ନୀଳାଚଳର ଅଂଶ ସ୍ୱରୂପ ଏଲଟିଟିଏସ ପକ୍ଷରୁ ବାସିନ୍ଦାମାନଙ୍କୁ ବିଭିନ୍ନ ପ୍ରକାରର କନଷ୍ଟ୍ରକ୍ସନ କାର୍ଯ୍ୟକଳାପ ଉପରେ କଉଶଳ ବିକାଶ ତାଲିମ ପ୍ରଦାନ କରାଯିବ। ଏଲଟିଟିଏସ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ତାଲିମ କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକମାନଙ୍କୁ ଦୀର୍ଘମିଆଦୀ ଭିତିରେ ଅତିରିକ୍ତ ଜୀବିକାର ମାଧ୍ୟମ ମିଳିବା ନିଶ୍ଚିତ ହୋଇପାରିବ।ଏହି ଅବସରରେ ଶ୍ରୀଯୁକ୍ତ ବଲୱ୍ଦ ସିଂହ, ଜିଲ୍ଲା ମାଜିଷ୍ଟ୍ରେଟ ଓ ଜିଲ୍ଲାପାଳ ପୁରୀ କହିଛନ୍ତି ଯେ, ''ସାମୁଦ୍ରିକ ଝଡ଼ବାତ୍ୟା ଫନିର ପରବର୍ତି ପ୍ରଭାବରୁ ମୁକୁଳିବା ଲାଗି ଓଡ଼ିଶାର ଲୋକମାନେ ଉଲ୍ଲେଖନୀୟ ଦୃଢ଼ତା ଓ ସହନଶୀଳତା ପ୍ରଦର୍ଶନ କରିଛନ୍ତି। ଏଭଳି ବଡ଼ ଧରଣର ପ୍ରାକୃତିକ ବିପର୍ଯ୍ୟୟରୁ ପୁଣି ସ୍ୱାଭାବିକ ହେବା ଲାଗି ବ୍ୟବସାୟ ଗୋଷ୍ଠୀ ସମେତ ସବୁ କ୍ଷେତ୍ରର ସହଯୋଗିତାର ଆବଶ୍ୟକତା ରହିଥିବାରୁ ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ ଦ୍ୱାରା ଗ୍ରହଣ କରାଯାଉଥିବା ଏହି ପଦକ୍ଷେପ ବେଶ ପ୍ରଶଂସନୀୟ।'' ଡକ୍ଟର କେଶବ ପଣ୍ଡା, ସିଇଓ ଓ ଏମଡି, ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ କହିଛନ୍ତି ଯେ, '' ଏକ ଅଗ୍ରଣୀ ଇଞ୍ଜିନିୟରିଂ ସଂସ୍ଥା ଭାବେ ସମାଜର ଉନ୍ନତୀକରଣ ପାଇଁ ଅବଦାନ ଆମ ଡିଏନଏରେ ରହିଛି। ପ୍ରୋଜେକ୍ଟ ନୀଳାଚଳକୁ ଯାହା ସ୍ୱତନ୍ତ୍ର ସିଏସ୍‌ଆର୍ ଅଭିଯାନରେ ପରିଣତ କରିଛି ତାହା ହେଉଛି ଯେଉଁମାନଙ୍କ ପାଇଁ ଆବଶ୍ୟକ ସେମାନଙ୍କୁ ଏହା ରହଣୀ ସ୍ଥଳ ପ୍ରଦାନ କରିବା ସହିତ ଏହି କାର୍ଯ୍ୟକ୍ରମ ଅଧୀନରେ ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ ଯେଉଁ ତାଲିମ ପ୍ରଦାନ କରିବ ତାହା ଜରିଆରେ ହିତାଧିକାରୀମାନେ ଆର୍ଥିକ ସ୍ୱାଧୀନତା ପାଇପାରିବେ। ପ୍ରୋଜେକ୍ଟ ନୀଳାଚଳ ପାଇଁ ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସର କନଷ୍ଟ୍ରକ୍ସନ ପାର୍ଟନର ହେଉଛି ହାବିଟାଟ ଫର ହ୍ୟୁମାନିଟି ଇଣ୍ଡିଆ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray